
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୧୪ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 14 JULY 2023

Vol.No. 35 ■ No. 185 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଆଜି ଭାରତର ତୃତୀୟ ଚନ୍ଦ୍ର ଅଭିଯାନ

➪ଅପରାହ୍ନ ୨ଟା ୩୫ରେ ଶ୍ରୀହରିକୋଟାରୁ କରାଯିବ ଉତକ୍ଷେପଣ

➪ଅଭିଯାନ ସଫଳ ହେଲେ, ଇତିହାସ ରଚିବ ଭାରତ



ନୂଆଦିଲ୍ଲୀ, ୧୩/୦୭ (ନି.ପ୍ର): ଚନ୍ଦ୍ରକୁ ଯିବ ଚନ୍ଦ୍ରଯାନ-୩ । ଏଥିପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି । ସବୁ କିଛି ଠିକଠାକ୍ ଚାଲିଲେ କାଲି ଅପରାହ୍ନ ୨ଟା ୩୫ରେ ଶ୍ରୀହରିକୋଟାରୁ ଉତକ୍ଷେପଣ କରାଯିବ ଚନ୍ଦ୍ରଯାନ-୩ । ଏଲଭିଏମ-୩ ରକେଟ୍ ଦ୍ୱାରା ମହାକାଶକୁ ପ୍ରେରଣ କରାଯିବ । ତେବେ ଗତ ୨୦୧୯ରେ ଇସ୍ରୋର ଚନ୍ଦ୍ରଯାନ-୨ ମିଶନ୍ ଫେଲ ମାରିଥିଲା । ସୂଚନା ଅନୁସାରେ 'ଚନ୍ଦ୍ରଯାନ-୨'ର ବିକ୍ରମ ଲ୍ୟାଣ୍ଡର ଇଞ୍ଜିନରେ ତ୍ରୁଟି କାରଣରୁ ଏହି ମିଶନ୍ ସଫଳ ହୋଇ ନଥିଲା । କିନ୍ତୁ ଭାରତ ପଛକୁ ନହଟି ଆରମ୍ଭ କରିଥିଲା ମିସନ ଚନ୍ଦ୍ରଯାନ-୩ । ଆଉ ଯଦି ଏଥର ଯଦି ଚନ୍ଦ୍ର ଅଭିଯାନ ସଫଳ ହେବ, ତାହେଲେ ଇତିହାସ ରଚିବ ଭାରତ। ଯଦି ଚନ୍ଦ୍ରଯାନ-୩ ସଫଳ ହୁଏ ତେବେ ଚନ୍ଦ୍ରପୃଷ୍ଠରେ ପାଦ ଥାପିବାରେ ଭାରତ ହୋଇଯିବ ବିଶ୍ୱର ଚତୁର୍ଥ ଦେଶ। ଏହା ପୂର୍ବରୁ ଆମେରିକା, ଚୀନ ଏବଂ ରୁଷିଆ ଚନ୍ଦ୍ରପୃଷ୍ଠରେ ସଫଳ ଅବତରଣ କରିସାରିଛନ୍ତି। ତେବେ ଚନ୍ଦ୍ରପୃଷ୍ଠ ଯାତ୍ରା ପାଇଁ ଏହା ଇସ୍ରୋର ତୃତୀୟ ପ୍ରୟାସ। ଏହା ପୂର୍ବରୁ ଦୁଇ ଦୁଇ ଥର ଉଦ୍ୟମ କରି ବିଫଳ ହୋଇଛି ଇସ୍ରୋ। ଶେଷଥର ପାଇଁ ୨୦୧୯ ଜୁଲାଇ ୨୨ରେ ଦ୍ୱିତୀୟ ପ୍ରୟାସ କରିଥିଲା ଭାରତ। ଲାଣ୍ଡର ବିକ୍ରମର ଅବତରଣ ବିଫଳ ହେବାରୁ ଭାରତର ମୁନ୍ ମିଶନ୍ ଅଧାରେ ରହିଯାଇଥିଲା। ତେଣୁ ଚନ୍ଦ୍ରଯାନ-୩ ରେ ଯେପରି କୌଣସି ତ୍ରୁଟି ନ ହେବ ସେଥିପାଇଁ ବିଶେଷ ଧ୍ୟାନ ଦେଇଛି ଇସ୍ରୋ। ତେବେ ଚନ୍ଦ୍ରଯାନ-୩ରେ କେଉଁ କେଉଁ ନୂଆ ଟେକ୍ନୋଲୋଜି ଖଞ୍ଜା ଯାଇଛି ଏବଂ ଏହାର କଣ ବିଶେଷତା ରହିଛି ଜାଣନ୍ତୁ। ଭାରତର ପୂର୍ବ ଦୁଇ ମିଶନ: ଭାରତ ପୂର୍ବରୁ ଚନ୍ଦ୍ରଯାନ-୧ ଏବଂ ଚନ୍ଦ୍ରଯାନ-୨ ମିଶନରେ ଚନ୍ଦ୍ରକୁ ଅର୍ବିଟଲ ପଠାଇଛି। ଚନ୍ଦ୍ରଯାନ-୨ ମିଶନରେ ଏକ ଲ୍ୟାଣ୍ଡର ମଧ ସାମିଲ ହୋଇଥିଲା, ଯାହା ଚନ୍ଦ୍ରରେ ନିରାପଦରେ ଅବତରଣ କରିବାରେ ସଫଳ ହୋଇନଥିଲା। ଏଥର ଚନ୍ଦ୍ରଯାନ-୩ ମିଶନରେ ଲ୍ୟାଣ୍ଡର ବିକ୍ରମ ଏବଂ ଏହା ଭିତରେ ଥିବା ରୋଭର ପ୍ରଜ୍ଞାନ ଚନ୍ଦ୍ରରେ ଅବତରଣ କରିବ। ରକେଟ୍ ଲଞ୍ଚ ଭେଇକିଲ୍ ମାର୍କ-୩(ଖଠଗ-୩) ମାଧ୍ୟମରେ ପୃଥିବୀରୁ ଉତକ୍ଷେପଣ କରାଯିବ।

▶▶ପୃଷ୍ଠା ୭

## ୨୬ରେ ଓଡିଶା ଆସିବେ ରାଷ୍ଟ୍ରପତି



ଭୁବନେଶ୍ୱର, ୧୩/୦୭ (ନି.ପ୍ର): ଆସନ୍ତା ୨୬ ତାରିଖରେ ଦୁଇଦିନିଆ ଓଡ଼ିଶା ଗସ୍ତରେ ଆସିବେ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁ। ଆସନ୍ତା ୨୬ ତାରିଖରେ ହାଇକୋର୍ଟର ୭୫ ବର୍ଷ ପୂର୍ତି ଉତ୍ସବର ଉଦ୍‌ଯାପନୀ ସମାରୋହ ରେ ଯୋଗଦେବେ ରାଷ୍ଟ୍ରପତି। ଏହା ସହ ନେତାଜୀ ମ୍ୟୁଜିୟମ ପରିଦର୍ଶନ କରିବାର ମଧ କାର୍ଯ୍ୟକ୍ରମ ରହିଛି। ସେହିଭଳି ୨୭ ତାରିଖରେ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ହୀରକ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହେବାକୁ ଯାଉଛି। ଏହି ଉତ୍ସବରେ ଯୋଗଦେବା ଲାଗି ୨୭ ତାରିଖରେ ରାଷ୍ଟ୍ରପତି ଭଦ୍ରକ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ରାଷ୍ଟ୍ରପତିଙ୍କ ଦୁଇ ଦିନିଆ ଗ୍ରସ୍ତ ପାଇଁ କଟକ ଓ ଭଦ୍ରକରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ସୂଚନାଯୋଗ୍ୟ ଯେ ଗତ ମେ ମାସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନି ଦିନିଆ ଓଡ଼ିଶା ଆସି ନିଜ ଜନ୍ମମାଟି ରାଇରଙ୍ଗପୁରରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ସୀମା ହାଇଦର ପାକିସ୍ତାନ ନଫେରିଲେ ୨୬/୧୧ ମୁମ୍ବାଇ ଆକ୍ରମଣର ପୁନରାବୃତ୍ତି ଧମକ

ନୂଆଦିଲ୍ଲୀ,୧୩/୦୭ :'ସମସ୍ତେ ୨୬/୧୧ ମୁମ୍ବାଇ ଆକ୍ରମଣ ଭଳି ଆଉ ଏକ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ରହିଥାଆନ୍ତୁ। ଆଉ ଏଥିପାଇଁ ଉତ୍ତର ପ୍ରଦେଶ ସରକାର ହିଁ ଦାୟୀ ରହିବେ।' ସୀମା ହାଇଦର ଯଦି ପାକିସ୍ତାନ ଫେରି ନଯା'ନ୍ତି, ତା'ହେଲେ ୨୬/୧୧ ମୁମ୍ବାଇ ଆକ୍ରମଣ ଘଟଣାର ପୁନରାବୃତ୍ତି ହେବ। ମୁମ୍ବାଇ ଟ୍ରାଫିକ କଣ୍ଟ୍ରୋଲ

▶▶ପୃଷ୍ଠା ୭




## ହୋଟେଲରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୩/୦୭ (ନି.ପ୍ର): ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ ଛକ ନିକଟରେ ଥିବା ଏକ ହୋଟେଲ୍‌ରେ ଯୁବତୀଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତ ଯୁବତୀ ଜଣଙ୍କର ଘର ପୁରୀ ବୋଲି ସୂଚନା। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଥିବା ବେଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ଅଧିକ ତଦନ୍ତ କରୁଛି ପୋଲିସ। ହୋଟେଲରେ ଲାଗିଥିବା ସିସିଟିଭି ଫୁଟେଜ ସହ ପୋଲିସ ପକ୍ଷରୁ ରେଜିଷ୍ଟରକୁ ମଧ ଯାଞ୍ଚ କରାଯାଇଛି। ଯୁବତୀ ଜଣଙ୍କ କମ୍ପାନୀ କାମରେ ନିଜର ସହକର୍ମୀଙ୍କ ସହ ଭୁବନେଶ୍ୱର ଆସିଥିଲେ। ହୋଟେଲର ଗୋଟିଏ ରୁମରେ ଯୁବତୀ ତାଙ୍କ ସହକର୍ମୀ ରହିଥିଲେ। ଆଜି ସକାଳେ ହୋଟେଲରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଥିଲା। ଏନେଇ ମୃତ ଯୁବତୀଙ୍କ ସହକର୍ମୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ପୁଲିସ୍‌ର ଲାଠିଚାର୍ଜରେ ବିଜେପି ନେତାଙ୍କ ମୃତ୍ୟୁ

ବିହାର,୧୩/୦୭ : ବିହାରର ରାଜଧାନୀ ପାଟନାରେ ଆଜି ପୁଲିସର ଲାଠିଚାର୍ଜରେ ଜଣେ ବିଜେପି ନେତାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ବିଜେପି ନେତାଙ୍କ ନାଁ ବିଜୟ କୁମାର ସିଂହ। ସେ ବିଜେପିର ଜହାନାବାଦ ଜିଲ୍ଲା ସାଧାରଣ ସମ୍ପାଦକ ଥିଲେ। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ନେତୃତ୍ୱାଧୀନ ସରକାର ଦୁର୍ନୀତିରେ ବୁଡ଼ି ରହିଥିବା ଅଭିଯୋଗ କରି ଆଜି ବିଜେପି ପକ୍ଷରୁ ବିହାର ବିଧାନସଭା ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାର ଆୟୋଜନ କରାଯାଇଥିବା ବେଳେ ପୁଲିସ୍ ସେମାନଙ୍କୁ ବାଟରେ ଅଟକାଇଥିଲା। ବିଜେପି କର୍ମୀଙ୍କୁ ଘଉଡ଼ାଇବା ପାଇଁ ପୁଲିସ୍ ପକ୍ଷରୁ ଲୁହବୁହା ଗ୍ୟାସ ସହିତ ପାଣିମାଡ଼ କରାଯାଇଥିଲା। ତା' ସହିତ ଲାଠିଚାର୍ଜ କରାଯାଇଥିଲା। ପୁଲିସ୍‌ର ଲାଠିଚାର୍ଜରେ ବିଜୟ କୁମାର ସିଂହ ଗୁରୁତର ଭାବେ ଆହତ ହୋଇ ପ୍ରାଣ ହରାଇଛନ୍ତି ବୋଲି କହିଛନ୍ତି ବିଜେପି ସାଂସଦ ତଥା ବିହାରର

▶▶ପୃଷ୍ଠା ୭

## ପୁଣି ବଢ଼ିଲା ସୁନା ଦର

ନୂଆଦିଲ୍ଲୀ,୧୩/୦୭ : ପ୍ରାୟ ମାସେ ପରେ ଲଗାତାର ଦ୍ୱିତୀୟ ଦିନ ପାଇଁ ବଢ଼ିଛି ସୁନା ଦର। ସୁନା ୧୦ ଗ୍ରାମ ପ୍ରତି ଦର ଆଜି ୫୯,୨୮୫ ଟଙ୍କା ରହିଛି। ପ୍ରାୟ ମାସେ ପରେ ଲଗାତାର ଦ୍ୱିତୀୟ ଦିନ ପାଇଁ ବଢ଼ିଛି ସୁନା ଦର। ୨୪ କ୍ୟାରେଟ ସୁନା ୧୦ ଗ୍ରାମ ପ୍ରତି ଦର ଆଜି ୫୯,୨୮୫ ଟଙ୍କା ରହିଛି। ଗତକାଲି ତୁଳନାରେ ଆଜି ସୁନା ଦର ୮୭ ଟଙ୍କା ବା ୦.୧୫% ବଢ଼ିଛି।

▶▶ପୃଷ୍ଠା ୭

## ଛାତ୍ର ସଂସଦ ନିର୍ବାଚନକୁ ନେଇ ସୌମ୍ୟ ମାରିଲେ ଶାଣିତ ତୀର

ଭୁବନେଶ୍ୱର, ୧୩/୦୭ (ନି.ପ୍ର): ବିଜେଡି ଫୋକସରେ ଯୁବ ଓ ଛାତ୍ର। ୨୦ ଲକ୍ଷ ନୂଆ ଭୋଟରଙ୍କ ଉପରେ ଦଳର ନଜର। ନିର୍ବାଚନୀ ବର୍ଷରେ ବିଜେଡି ପ୍ରସ୍ତୁତ କରୁଛି ବ୍ଲୁ ପ୍ରିଣ୍ଟ। ଯୁବ ସହ ଛାତ୍ର ବିଜେଡିର କାର୍ଯ୍ୟକାରିଣୀ ମାଧ୍ୟମରେ ସେମାନଙ୍କୁ ସଂଗଠିତ କରାଯାଉଛି। ନେତା ତିଆରି କାରଖାନାକୁ କାହିଁକି ବନ୍ଦ କରିଛନ୍ତି ସରକାର ଛାତ୍ର ସଂସଦ ନିର୍ବାଚନ କରାନଯିବା ନେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ। ଏହାକୁ ନେଇ ଛାତ୍ର ରାଜନୀତି ସରଗରମ ହୋଇଛି। ଆଉ ସୌମ୍ୟଙ୍କ ସହି ସ୍ୱର ମିଳାଇଛନ୍ତି ବିରୋଧୀ ଇଇଠଚ ଓ ଛାତ୍ର କଂଗ୍ରେସ। ବାରିପଦା ମହାରାଜ ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ୨୬ତମ ପ୍ରତିଷ୍ଠା ଦିବସ ସମାରୋହରେ ଯୋଗଦେଇ ବିଜେଡି ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ କହିଛନ୍ତି, ପ୍ରତ୍ୟେକ ସଫଳ ମଣିଷ ନିଜ ଛାତ୍ର ଜୀବନରେ ବିଶ୍ୱବିଦ୍ୟାଳୟ ସ୍ତରରେ ଅନେକ କ୍ରାନ୍ତିକାରୀ ସଂଗ୍ରାମରେ ନିଜକୁ ସାମିଲ କରିଥିବା ଦେଖିବାକୁ ମିଳିଛି। ଛାତ୍ର ସଭାପତି ଓ ସମ୍ପାଦକ ଭାବେ ନିର୍ବାଚିତ ହୋଇ ଅନୁଷ୍ଠାନର ଗୋଟିଏ କାର୍ଯ୍ୟକ୍ରମ କରିବା ଦ୍ୱାରା ନେତୃତ୍ୱର ବିକାଶ ହୋଇଥାଏ। ଗଣତନ୍ତ୍ରର ଅଭ୍ୟାସ ଆସେ। କିନ୍ତୁ ଆଜି କାଲି ସରକାରମାନେ ଛାତ୍ର ସଂଘ, ଛାତ୍ର ୟୁନିଅନ୍ ଓ ଛାତ୍ର ନେତାମାନଙ୍କୁ କେଜାଣି କାହିଁକି ଡରୁଛନ୍ତି ? ସେମାନେ ଡରୁଛନ୍ତି, ଅବା ଛାତ୍ରମାନେ ସେମାନଙ୍କ ଅନୁଷ୍ଠାନକୁ କିଭଳି ଶୃଙ୍ଖଳିତ ଓ ଗଣତାନ୍ତ୍ରିକ ବ୍ୟବସ୍ଥାରେ ପରିଚାଳିତ କରିପାରିବେ ସେ ସମ୍ପର୍କରେ କହିବା ପାଇଁ ସାହସ କରିପାରୁନାହାନ୍ତି। ତେଣୁ ମୂଳୁ ମାଇଲେ ଯିବ ସରି, ଦେବଙ୍କ ସଙ୍ଗେ କିମ୍ବା କଳି ନାଁରେ ନିର୍ବଚନ କରାଇବା ନାହିଁ।



▶▶ପୃଷ୍ଠା ୭

## ଭିଜିଲାନ୍ସ ଜାଲରେ ସହିଦ ନଗର ଥାନା ଏଏସଆଇ

ଭୁବନେଶ୍ୱର, ୧୩/୦୭ (ନି.ପ୍ର): ୧୫ ହଜାର ଟଙ୍କା ଲାଂଚ ନେଇ ଭିଜିଲାନ୍ସ ଜାଲରେ ପୋଲିସ କର୍ମଚାରୀ। ପୋଲିସ୍ କର୍ମଚାରୀ ଜଣକ ହେଉଛନ୍ତି ସହିଦ ନଗର ଥାନା ଏଏସଆଇ ମମତା ବସ୍ତିଆ। ଭିଜିଲାନ୍ସ ମମତାଙ୍କ ଠାରୁ ଲାଂଚ ଟଙ୍କା ଜବତ କରିବା ସହ ଗିରଫ କରିଛି। ମମତା ଏକ ମାମଲାରେ ସହଯୋଗ ପାଇଁ ଏତଲାକାରୀଙ୍କ ଠାରୁ ଲାଂଚ ନେଉଥିବା ଅଭିଯୋଗ ପାଇ ଭିଜିଲାନ୍ସ ଅଧିକାରୀମାନେ ଚଢାଉ କରିଥିଲେ। ମମତା ଉକ୍ତ ମାମଲାର ତଦନ୍ତକାରୀ ଅଧିକାରୀ ଥିଲେ। ଗୁରୁବାର ଦିନ ମମତା ଲାଂଚ ନେବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଥିଲେ। ପରେ ଭିଜିଲାନ୍ସ ମମତାଙ୍କ ଘର ଓ କାର୍ଯ୍ୟାଳୟରେ ଚଢ଼ାଉ କରିଛି। ଚଢ଼ାଉ ବେଳେ ମମତାଙ୍କ ଘରୁ କିଛି ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରିଥିବା ସୂଚନା ମିଳିଛି।



## ଘରୋଇ ନର୍ସିଂହୋମରେ ଭର୍ତ୍ତି ହେଲେ ଦିଲୀପ ପଟ୍ଟନାୟକ

ଭୁବନେଶ୍ୱର, ୧୩/୦୭ (ନି.ପ୍ର): କଟକର ଏକ ଘରୋଇ ନର୍ସିଂହୋମରେ ଭର୍ତି ହୋଇଛନ୍ତି ବିଜୁ ପଟ୍ଟନାୟକଙ୍କ ପୁତୁରା ତଥା ମୁଖ୍ୟମନ୍ତ୍ରୀ ନବୀନଙ୍କ ବଡ଼ବାପାଙ୍କ ପୁଅ ଦିଲୀପ ପଟ୍ଟନାୟକ। କଟକ-ବାରବାଟୀ ବିଧାୟକ ମହମ୍ମଦ ମୋକିମ ପ୍ରୟାସରେ ତାଙ୍କୁ ଘରୋଇ ନର୍ସିଂହୋମ୍ ରେ ଭର୍ତି କରାଯାଇଛି। ସଡ଼କ ଦୁର୍ଘଟଣା ପରେ ତାଙ୍କ ଗୋଡ଼ରେ ଆଘାତ ଲାଗିଥିଲା ।

## ଦିଲ୍ଲୀ ଦେଖୁଛି ଯମୁନାର କରାଳ ରୂପ: ଅଣାୟତ୍ତ ହୋଇପାରେ ସ୍ଥିତି



ନୂଆଦିଲ୍ଲୀ,୧୩/୦୭ : ଗତ ୪୫ ବର୍ଷ ମଧ୍ୟରେ ଏହା ସବୁଠାରୁ ଅଧିକ ଜଳସ୍ତର ରେକର୍ଡ। ଦିଲ୍ଲୀ ସ୍ଥିତି ଧୀରେ ଧୀରେ ଗମ୍ଭୀର ହେବାକୁ ଲାଗୁଥିବା ବେଳେ ଉପରାଜ୍ୟପାଳ ଜରୁରୀ ବୈଠକ ଡାକିଛନ୍ତି। ରାଜଧାନୀ ଦିଲ୍ଲୀ ଦେଖୁଛି ଯମୁନା ନଦୀର କରାଳ ରୂପ । ଯମୁନା ନଦୀ ଫୁଲୁଥିବାରୁ ରାଜଧାନୀ ଦିଲ୍ଲୀରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଏବେ ବିପଦ ସଂକେତ ଉପରେ ଚାଲୁଛି ଯମୁନା ନଦୀ । ଗତ ୪୫ ବର୍ଷ ମଧ୍ୟରେ ଏହା ସବୁଠାରୁ ଅଧିକ ଜଳସ୍ତର ରେକର୍ଡ। ଦିଲ୍ଲୀ ସ୍ଥିତି ଧୀରେ ଧୀରେ ଗମ୍ଭୀର ହେବାକୁ ଲାଗୁଥିବା ବେଳେ ଉପରାଜ୍ୟପାଳ ଜରୁରୀ ବୈଠକ ଡାକିଛନ୍ତି। ଗୁରୁବାର ସକାଳେ ଦିଲ୍ଲୀରେ ଯମୁନା ଜଳସ୍ତର ୨୦୮. ୪୬ ମିଟର ରେକର୍ଡ କରାଯାଇଛି। ବିପଦ ସଂକେତରୁ ୩ ମିଟର ଉପରେ ଚାଲୁଛି ଯମୁନା । ଗତକାଲି ରାତିରେ ଏହା ୨୦୮.୦୫ ମିଟରରେ ପହଞ୍ଚିଥିଲା। ଏହା ପୂର୍ବରୁ ୧୯୭୮ ମସିହାରେ ଯମୁନା ଜଳସ୍ତର ୨୦୭.୪୯ରେ ପହଞ୍ଚିଥିଲା। ଯମୁନାରେ ଜଳସ୍ତର ବୃଦ୍ଧି ଯୋଗୁଁ ଦିଲ୍ଲୀର ଅନେକ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ତଳିଆ ଅଞ୍ଚଳରେ ପାଣି ଜମି ରହିଥିବାରୁ ପ୍ରାୟ ୧୬ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ପାଣି ବଢ଼ି ଆସି ସିଭିଲ୍ ଲାଇନ୍ସର ରିଂଗ ରୋଡ୍ ଜଳମଗ୍ନ ହୋଇପଡିଛି । ମଜନୁ କା ଟିଲା, କାଶ୍ମିରୀ ଗେଟ୍, ଓଝଇଞ୍ଚକୁ ସଂଯୋଗ କରୁଥିବା ରାସ୍ତା, ରାଜଘାଟ, ପୁରୁଣା କିଲ୍ଲା ଅଞ୍ଚଳ ଜଳମଗ୍ନ ହୋଇ ପଡ଼ିଛି।

▶▶ପୃଷ୍ଠା ୭

## ଜୁଲାଇ ୩୧ରେ ବର୍ଷାଙ୍କ ଚୂଡ଼ାନ୍ତ ସାକ୍ଷ୍ୟ ଗ୍ରହଣ ଲାଗି ନିର୍ଦ୍ଦେଶ



ଭୁବନେଶ୍ୱର, ୧୩/୦୭ (ନି.ପ୍ର): ଅନୁଭବଙ୍କ ଆବେଦନର ଅନ୍ତ ଘଟାଇ ଏହି ରାୟ ଦେଇଛନ୍ତି ହାଇକୋର୍ଟ। ମାମଲାର ଶୁଣାଣିରେ ଅହେତୁକ ବିଳମ୍ବକୁ ଦାୟୀ କରି ଭୁବନେଶ୍ୱର ଫାମିଲି କୋର୍ଟକୁ ମାମଲା ସ୍ଥାନାନ୍ତର ପାଇଁ ଅନୁଭବ କରିଥିଲେ ଆବେଦନ। ଜୁଲାଇ ୩୧ ତାରିଖରେ ଅନୁଭବ ମହାନ୍ତିଙ୍କ ପତ୍ନୀ ବର୍ଷା ପ୍ରିୟଦର୍ଶିନୀଙ୍କ ଚୂଡାନ୍ତ ସାକ୍ଷ୍ୟ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ସାକ୍ଷ୍ୟ ଗ୍ରହଣର ୪ ସପ୍ତାହ ମଧ୍ୟରେ ଜବାବ ସୁଆଲ ଶେଷ କରିବାକୁ କଟକ ଫାମିଲି କୋର୍ଟଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଓଡିଶା ହାଇକୋର୍ଟ। ଅନୁଭବଙ୍କ ଆବେଦନର ଅନ୍ତ ଘଟାଇ ଏହି ରାୟ

▶▶ପୃଷ୍ଠା ୭

# ନାବାଳିକାକୁ ପ୍ରେମ ନିବଦେନ କରି ଯୁବକ ଗିରଫ

ଧର୍ମଶାଳା, ୧୩/ ୦୭ (ନି.ପ୍ର): ପ୍ରେମ ନିବେଦନ କରି ଜଣେ ଯୁବକ ଗିରଫ ହେବା ଘଟଣା ସ୍ଥାନୀୟ ଅଂଚଳରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଏଭଳି ଘଟଣା ଘଟିଛି ଯାଜପୁର ଜିଲା ବ୍ରହ୍ମବରଦା ଥାନା ଅନ୍ତର୍ଗତ ଝାଲପଡା ପଂଚାୟତ କାକୁଡିକୁଦ ନୀଳକଣ୍ଠପୁର ଗ୍ରାମରେ । ଏହି ଗ୍ରାମ ଶାନ୍ତନୁ ପରିଡାଙ୍କ ପୁଅ ସଂଗ୍ରାମ ଏହି ଗ୍ରାମର ଜଣେ ନାବାଳିକାକୁ ପ୍ରେମ ନିବଦେନ କରି ବିଫଳ ହେବା ପରେ ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ କରିବାକୁ ନାବାଳିକାକୁ ଧମକ ଦେଇ ଆସୁଥିଲା । ଫଳରେ ନାବାଳିକା ଜଣକ ଘରେ ଜଣାଇବା ପରେ , ପରିବାର ଲୋକେ ଥାନାର ଦ୍ୱାରସ୍ଥ ହୋଇଥିଲେ ।

# ବରିଷ୍ଠ ନାଗରିକଙ୍କ ପକ୍ଷରୁ ବୃକ୍ଷରୋପଣ

ସମ୍ବଲପୁର, ୧୩/ ୦୭ (ନି.ପ୍ର): ସବୁଜ ବନାନୀର ଅଭାବ ଯୋଗୁଁ ଜଳବାୟୁରେ ଆଦ୍ରତା ହ୍ରାସ ଓ ଗ୍ରୀଷ୍ମର ପ୍ରଭାବରେ ଅସହ୍ୟ ତାପ ଜନଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି । ଏହାକୁ ଦୃଷ୍ଟିରେ ରଖି ସମ୍ବଲପୁର ସହରର ବିଭିନ୍ନ ଖୋଲା ସ୍ଥାନରେ ବର, ପିପ୍ପଳ ଓ ନିମ୍ବ ଆଦି ପାରମ୍ପରିକ ବିଶାଳକାୟ ଗଛ ଲଗାଇବା ପାଇଁ ସମ୍ବଲପୁର ବରିଷ୍ଠ ନାଗରିକ ସମାଜ ଗୁରୁତ୍ୱ ଦେଇଛି । ଏହି କ୍ରମରେ ସାକ୍ଷୀପଡା, ଆଦିବାସୀ ପଡା ବନ୍ଧଆଡି ଏବଂ ରାଧାକୃଷ୍ଣ ମନ୍ଦିର ଚାରିପାଖ ଖାଲି ସ୍ଥାନରେ ବ୍ୟାପକ ସଂଖ୍ୟାରେ ଗଛ ଗୁଡିକ ରୋପଣ କରାଯାଇଛି । ବୃକ୍ଷରୋପଣ କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ମଧ୍ୟରେ ପ୍ରଦିପ କୁମାର ପଣ୍ଡା, ସୌମ୍ୟ ରଂଜନ ମିଶ୍ର, ନିର୍ମଲ କୁମାର ମାଇତି, ଶମ୍ଭୁ ଭୂଷଣ ସେନ୍, ଡକ୍ଟର ପ୍ରମୋଦ କୁମାର ସାହୁ, ଫଂଚୁ ମୁଣ୍ଡା, ଅଭିଜିତ ମୁଣ୍ଡାଙ୍କ ସମେତ ଅନ୍ୟାନ୍ୟ ସଦସ୍ୟମାନେ ମଧ୍ୟ ସାମିଲ ହୋଇଥିଲେ ।

# ବିଜେପିର ବୁଥ୍ ସ୍ତରୀୟ ଘରଘର ସମ୍ପର୍କ ଅଭିଯାନ

ଧର୍ମଶାଳା, ୧୩/ ୦୭ (ନି.ପ୍ର): ଯାଜପୁର ଜିଲା ବରୀ ନିର୍ବାଚନ ମଣ୍ଡଳୀ ୩୬ ନଂ ଜୋନ ମଙ୍ଗରାଜପୁର ପଂଚାୟତରେ ବିଜେପି ପକ୍ଷରୁ ଘରଘର ଚାଲ ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ବିରିଷ୍ଠ ବିଜେପି ନେତା ପ୍ରଫୁଲ୍ଲ ଗିରିଙ୍କ ନେତୃତ୍ୱରେ ମଙ୍ଗରାଜପୁର ପଂଚାୟତର ଖଣ୍ଡାସଠାରୁ ଏହି କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ବିଭିନ୍ନ ଘରଘର ବୁଲି ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନଅ ବର୍ଷ ଶାସନ,ସେବା,ସୁଶାସନ ଓ ଗରିବ କଲ୍ୟାଣ ଯୋଜନା ସମ୍ପର୍କରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ ।

# ୪ଟି କମ୍ପାନିକୁ ଔଷଧ ନିଗମରେ ବାରଣ : ନିମ୍ନମାନର ଔଷଧ ପାଇଁ ୬ବର୍ଷରେ ୫୯ କମ୍ପାନୀ ହେଲେଣି ସାମିଲ



ଭୁବନେଶ୍ୱର, ୧୩/ ୦୭ (ନି.ପ୍ର): ନିମ୍ନମାନର ଔଷଧ ଯୋଗାଣ ପାଇଁ ରାଜ୍ୟ ଔଷଧ ନିଗମ ଚଳିତବର୍ଷ ୪ଟି କମ୍ପାନିକୁ ବାରଣ କରିଛି । ଏଥିରେ ପଞ୍ଜାବର ୨, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରର ଗୋଟିଏ ଲେଖାଏ କମ୍ପାନି ରହିଛନ୍ତି । ଏସବୁ କମ୍ପାନି ୧ବର୍ଷ ପାଇଁ ନିଗମର କୌଣସି ପ୍ରକାର ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇପାରିବେ ନାହିଁ । ୨୦୧୭ ମସିହାରୁ ବର୍ତ୍ତମାନ ସୁଦ୍ଧା ୫୯ଟି କମ୍ପାନି କଳା ତାଲିକାଭୁକ୍ତ ହୋଇସାରିଲେଣି । ବାରଣ ହୋଇଥିବା କମ୍ପାନି ଭିତରେ ପଞ୍ଜାବର ଏଏନ୍‌ଜି ଲାଇଫସାଇନ୍ସ, ଜାକ୍‌ସନ ଲାବୋରେଟାରି, ପଶ୍ଚିମବଙ୍ଗର ଲା-କେମିକୋ ଓ ମହାରାଷ୍ଟ୍ରର ଏଗୋଗ ଫାର୍ମା ରହିଛି । 'ନିରାମୟ' ଯୋଜନାରେ ସରକାରୀ ଡାକ୍ତରଖାନାକୁ ମାଗଣାରେ ଔଷଧ ଯୋଗାଯାଉଛି । ରାଜ୍ୟ ଔଷଧ ନିଗମ ଜରିଆରେ ଔଷଧ କିଣାଯାଇ ବଣ୍ଟନ କରାଯାଉଛି । ୨୦୨୨-୨୩ ଆର୍ଥିକ ବର୍ଷରେ ନିଗମ ପ୍ରାୟ ୭ଶହ ପ୍ରକାରର ଔଷଧ କିଣିଥିଲା । ଚଳିତବର୍ଷ ପାଇଁ ନିଗମ ପକ୍ଷରୁ କେତେ ଔଷଧ କିଣାଯିବ ତାହାର ତାଲିକା ପ୍ରସ୍ତୁତ ହୋଇନାହିଁ । ତେବେ ଡାକ୍ତରଖାନାକୁ ବଣ୍ଟନ କରିବା ପୂର୍ବରୁ ନିଗମ ପକ୍ଷରୁ ଔଷଧମାନଙ୍କୁ ପରୀକ୍ଷା କରାଯାଉଛି । ଏଥିପାଇଁ ଦେଶରେ ଥିବା ଏନ୍‌ଏବିଏଲ୍ ପରୀକ୍ଷାଗାରକୁ ପରୀକ୍ଷା ପାଇଁ ପଠାଯାଉଛି । ନିଗମର ନିୟମ ଅନୁସାରେ ଯଦି କୌଣସି କମ୍ପାନିର ଔଷଧର ୩ଟି ବ୍ୟାଚ୍ ନିମ୍ନମାନର ରହିଥାଏ ତାହାଲେ ସଂପୃକ୍ତ ଔଷଧ(ଆଇଟମ୍)କୁ କଳା ତାଲିକାଭୁକ୍ତ କରାଯାଉଛି । ଏହାସହ କୌଣସି କମ୍ପାନିର ୩ଟି ଆଇଟମ୍ ନିମ୍ନମାନର ରହିଥିଲେ ସଂପୃକ୍ତ କମ୍ପାନି କଳା ତାଲିକାଭୁକ୍ତ ହେଉଛି । ରାଜ୍ୟ ଔଷଧ ନିଗମର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି, ଡ୍ରଗ୍ ଏଣ୍ଡ କସ୍‌ମେଟିକ୍ ଆଇନରେ ନିମ୍ନମାନର ଔଷଧ ଯୋଗାଣକୁ ନେଇ କମ୍ପାନିକୁ କଳା ତାଲିକାଭୁକ୍ତ କରିବା ନେଇ କୌଣସି ନିୟମ ନାହିଁ । ମାତ୍ର ଓଡ଼ିଶାର ଲୋକଙ୍କୁ ନିମ୍ନମାନର ଔଷଧ ଯୋଗାଣରୁ ରକ୍ଷା କରିବା ପାଇଁ ନିଗମ ପକ୍ଷରୁ କଳା ତାଲିକାଭୁକ୍ତ କରାଯାଉଛି । ଏଥିରେ ଆଇଟମ୍(ଔଷଧ), ୩ଟି ଆଇଟମ୍ ପାଇଁ ୩ବର୍ଷ ପାଇଁ କଳା ତାଲିକାଭୁକ୍ତ କରାଯାଉଛି । ଏହାସହ ପ୍ରୋକ୍ୟୁରମେଣ୍ଟ ବା କିଣାକିଣିରେ କମ୍ପାନି ତରଫରୁ ସମସ୍ୟା ହେଲେ ୧ବର୍ଷ ପାଇଁ ବାରଣ କରାଯାଉଛି । ତେବେ କଳା ତାଲିକାଭୁକ୍ତ ସମୟ ପରେ ସଂପୃକ୍ତ କମ୍ପାନି ପୁନର୍ବାର ନିଗମର ଟେଣ୍ଡର ପ୍ରକ୍ରିୟାରେ ସାମିଲ ହୋଇପାରିବ ବୋଲି ସେ କହିଛନ୍ତି ।

# ସମାନ ନାଗରିକ ସଂହିତା ଆଇନ(ୟୁସିସି) ଲାଗୁ ପାଇଁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

କେନ୍ଦ୍ରାପଡା, ୧୩/ ୦୭ (ନି.ପ୍ର): ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ଓଡିଶା ଜିଲ୍ଲା ଶାଖା ତରଫରୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦେଶର ସବୁ ନାଗରିକଙ୍କ ପାଇଁ ସମାନ ନାଗରିକ ସଂହିତା ଆଇନ ପ୍ରଣୟନ ସହିତ ଜାତି, ବର୍ଣ୍ଣ, ଧର୍ମ ଓ ଭାଷା ନିର୍ବିଶେଷରେ ସବୁ ନାଗରିକଙ୍କ ପାଇଁ ୨ ସନ୍ତାନ ଆଇନ ଲାଗୁ କରିବା ପାଇଁ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି । ଏହି ଫାଉଣ୍ଡେସନ ତରଫରୁ ଦେଶରେ ଧାର୍ମିକ ଆଧାରରେ ବିଭିନ୍ନ ଧର୍ମାଲମ୍ବୀଙ୍କ ପାଇଁ ଅଲଗା ଅଲଗା ଆଇନ ପ୍ରଚଳନ ହେଉଛି । ଯାହା ଫଳରେ କିଛି ନାଗରିକ ଦ୍ୱୈତ ଆଇନ ଉପଭୋଗ କରୁଛନ୍ତି । ଏହା ସମ୍ବିଧାନର ଧାରା ୪୪କୁ ସ୍ୱଷ୍ଟ ଅବମାନନା କରୁଛି । କାଳ ବିଳମ୍ବ ନକରି ଦେଶରେ (ୟୁସିସି) ସବୁ ନାଗରିକ ମାନଙ୍କ ପାଇଁ ସମାନ ଆଇନ ପ୍ରଣୟନ କରିବାକୁ ଦାବି କରାଯାଇଛି । ଜିଲ୍ଲା ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ର ସଭାପତି ପବିତ୍ର ପରିଡାଙ୍କ ନେତୃତ୍ୱରେ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ମନିନ୍ଦ୍ର ରାଉତ, ରୋଜାଲିନ ମହାନ୍ତି, ଉପ ସଭାପତି ସୁଧିର ପରିଡା, ମାନିନୀ ଷଡଙ୍ଗୀ, ବ୍ରଜ ମୋହନ ମଣ୍ଡଳ, କସ୍ତୁରୀ ଗାହାଣ, ପଣ୍ଡିତ ଶେଖର ଦାସ, ଗୌରବ ଜେନା, ସୁଦାମ ବାରିକ, କମଳାକାନ୍ତ ଦାସ, ରଶ୍ମିତା ମଲିକଙ୍କ ସମେତ ଶତାଧିକ କର୍ମୀ ଓ ନେତା ଏକ ଶୋଭାଯାତ୍ରା ରେ ଆସି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରିଛନ୍ତି ।

# ୟୁ.ଏନ.ଏସ୍ ମହାବିଦ୍ୟାଳୟରେ ପରିବେଶ ସଚେତନତା ଓ ଚାରାରୋପଣ

ଧର୍ମଶାଳା, ୧୩/ ୦୭ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ମୁଗୁପାଳସ୍ଥିତ ଉପେନ୍ଦ୍ର ନାଥ ସାରଦା ମହାବିଦ୍ୟାଳୟ ପରିସରରେ ସ୍ୱେଚ୍ଛାସେବୀ ସଙ୍ଗ 'ଗ୍ରାମ୍ୟ ସେବକ ସଂଗଠନ' ଓ ମହାବିଦ୍ୟାଳୟର 'ଜାତୀୟ ସେବା ଯୋଜନା' ଶାଖାର ସହଭାଗୀତାରେ ପରିବେଶ ସଚେତନତା କର୍ମଶାଳା ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥିଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀନାରାୟଣ କର ଯୋଗ ଦେଇ ଗଛ ଲଗାଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ଏନଏସଏସ ପ୍ରେଗ୍ରାମ ଅଫିସର କାନ୍ତିବାଳା ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପରିବେଶ ସଚେତନତା କର୍ମଶାଳାର କାର୍ଯ୍ୟକ୍ରମର ଅଭିମୁଖ୍ୟ ଓ ଚାରାରୋପଣ ମାହାତ୍ମ ସମ୍ପର୍କରେ ଆଲୋଚନା କରାଯିବା ସହ ଛାତ୍ରଛାତ୍ରୀମାନଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା । ପରେ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କିସମର ଔଷଧୀୟ ବୃକ୍ଷ ରୋପଣ କରାଯାଇଥିଲା ।

# ପଦାରେ ପଡ଼ିଲା ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା : ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ଛାତରୁ ଗଳୁଛି ପାଣି

ଚମ୍ପୁଆ, ୧୩/ ୦୭ (ନି.ପ୍ର): ସାଧାରଣ ବର୍ଷାରେ ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳିଛି କ୍ଷ ଯାହାକି ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇ ଦେଇଛି । ନିଜ ଘର ସମ୍ଭାଳି ପାରୁନଥିବା ମୁଖିଆ କ'ଣ ଗାଁ ସମ୍ଭାଳିବ ? ଏ ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରିବାଟା ସ୍ୱାଭାବିକ । ଏମିତି ଏକ ପ୍ରଶ୍ନ ଏବେ ସୃଷ୍ଟି ହୋଇଛି ଚମ୍ପୁଆ ବ୍ଲକ ବାସିନ୍ଦାଙ୍କ ମନରେ । ସମଗ୍ର ବ୍ଲକରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ମାଧମରେ କରାଯାଉଥିବାବେଳେ ସେହି କାର୍ଯ୍ୟାଳୟର ଗୃହ ନିର୍ମାଣ ନିମ୍ନମାନର ହେବାଦ୍ୱାରା ଅସରାଏ ବର୍ଷା ନହେଉଣୁ ଛାତରୁ ପାଣି ଗଳୁଛି । ଯାହା ଏବେ ବ୍ଲକ କାର୍ଯ୍ୟକର୍ତାଙ୍କ ସ୍ୱଛତା ଓ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗୋଟିଏ ବ୍ଲକର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟ ସାଧାରଣତଃ ସେହି ବ୍ଲକରେ ଥିବା ବ୍ଲକ ଅଫିସ ବା ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ଜରିଆରେ ହିଁ କରାଯାଇଥାଏ । କୋଠା ବାଡି ଠାରୁ ଆରମ୍ଭ କରି ରାସ୍ତା ଘାଟ ପର୍ଯ୍ୟନ୍ତ ଛୋଟରୁ ବଡ଼ ସମସ୍ତ କାର୍ଯ୍ୟ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ ଜରିଆରେ ହିଁ କରାଯାଉଥିବାବେଳେ ସେହି କାର୍ଯ୍ୟଳୟରେ କାର୍ଯ୍ୟରତ ଥିବା ସରକାରୀ ଯନ୍ତ୍ରୀମାନେ ସେହି କାର୍ଯ୍ୟଗୁଡ଼ିକ ଅଟକଳ ଅନୁସାରେ ଠିକ ଭାବରେ କାର୍ଯ୍ୟ ହୋଇଛି କି ନାହିଁ ତାହା ତଦାରଖ କରିବା ପରେ କାର୍ଯ୍ୟର ମାନ ଠିକ ଅଛି ବୋଲି ଅନୁମୋଦନ କରିଥାନ୍ତି । ତେବେ ଅନେକ ସମୟରେ ଚମ୍ପୁଆ ବ୍ଲକ ଅଂଚଳରେ ହେଉଥିବା ଉନ୍ନୟନ ମୂଳକ କାର୍ଯ୍ୟଗୁଡ଼ିକ ନିମ୍ନମାନର ହେଉଥିବା ଅଭିଯୋଗ ହୋଇ ଆସୁଥିଲେ ମଧ ସମସ୍ତେ ତାକୁ ନଜର ଅନ୍ଦାଜ କରି ଆସୁଥିଲେ । କିନ୍ତୁ ଖୋଦ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ଗୃହ ନିର୍ମାଣ ନିମ୍ନମାନର ହେବା କାରଣରୁ ଅସରାଏ ବର୍ଷାରେ ଛାତରୁ ପାଣି ଗଳୁଛି । ଯାହାର ଅବସ୍ଥା ଦେଖିଲେ ଚମ୍ପୁଆ ବ୍ଲକ ଅଂଚଳରେ ଚମ୍ପୁଆ ବ୍ଲକ କାର୍ଯ୍ୟାଳୟ ଦ୍ୱାରା କରାଯାଉଥିବା ଉନ୍ନତି ମୂଳକ କାର୍ଯ୍ୟ ଗୁଡ଼ିକର ମାନ କିପରି ହେଉଥିବ ବେଶ ଅନୁମାନ କରାଯାଇ ପାରେ । ଚମ୍ପୁଆ ଅଂଚଳରେ ଅସରାଏ ବର୍ଷା ନହେଉଣୁ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟର ଛାତରୁ ପାଣି ଗଳୁଥିବା ଦେଖିବାକୁ ମିଳିଛି । ସେହି କାର୍ଯ୍ୟାଳୟର ଗ୍ରାମ ପଂଚାୟତ ସମ୍ପ୍ରସାରଣ ଅଧିକାରୀ ଦାୟିତ୍ୱରେ ଥିବା ଅଧିକାରୀଙ୍କ ଟେବୁଲ ଉପରେ ଛାତରୁ ପାଣି ଗଳୁଥିବା ଯୋଗୁଁ ଅଧିକାରୀ ବାବୁ ଜଣକ ତାଙ୍କ ଟେବୁଲକୁ ଏକ ଅବ୍ୟବହୃତ ପ୍ଲାଷ୍ଟିକ ବ୍ୟାନର ଦ୍ୱାରା ଢାଙ୍କି ରଖିଥିବା ଦେଖିବାକୁ ମିଳିଥିଲା । ବର୍ଷା ହେଲେ ପାଣି ଗଳୁଥିବା ଯୋଗୁଁ ଅଧିକାରୀ ଜଣକ ନିଜ ଚେୟାରରେ ବସି କାମ କରିପାରୁନଥିବାରୁ ଅନ୍ୟତ୍ର ବସି କାମ କରୁଛନ୍ତି । ଏହା ଦେଖିବା ପରେ ଚମ୍ପୁଆ ଗୋଷ୍ଠୀ ଉନ୍ନୟନ କାର୍ଯ୍ୟଳୟକୁ ନିର୍ମାଣ କରିଥିବା ଠିକାଦାର ଓ ଏହି କାର୍ଯ୍ୟାଳୟର ନିର୍ମାଣ କାର୍ଯ୍ୟ ସଠିକ ଭାବରେ ହୋଇଛି ବୋଲି ଏହି କାର୍ଯ୍ୟକୁ ଅନୁମୋଦନ କରିଥିବା ଯନ୍ତ୍ରୀଙ୍କ ସ୍ୱଚ୍ଛତା ଓ କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଯାହାକି ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାକୁ ପଦାରେ ପକାଇଛି । ଯଦି ଖୋଦ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟର ଆସ୍ଥା ଏପରି ତେବେ ଏହି କାର୍ଯ୍ୟାଳୟ ଦ୍ୱାରା ନିର୍ମିତ ଅନ୍ୟ କୋଠା ବାଡି ରାସ୍ତା ଘାଟ ଓ ଅନ୍ୟାନ୍ୟ ଉନ୍ନତି ମୂଳକ କାର୍ଯ୍ୟର ମାନ କ'ଣ ହୋଇଥିବା ଏକ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ତେଣୁ ଏ ଦିଗରେ ଉଚ୍ଚ କର୍ତୃପକ୍ଷ ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି ।

# ଜୁନିୟର ରେଡକ୍ରସ ପକ୍ଷରୁ ଛାତ୍ରୀଙ୍କୁ ମେଡିକାଲ ଖର୍ଚ୍ଚ ପାଇଁ ଆର୍ଥିକ ସହାୟତା ପ୍ରଦାନ

ସୁବର୍ଣ୍ଣପୁର, ୧୩/ ୦୭ (ନି.ପ୍ର): ମାୟାବର୍ହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପଢୁଥିବା ଜଣେ ଛାତ୍ରୀଙ୍କୁ ଭାରତୀୟ ରେଡକ୍ରସ ତରଫରୁ ମେଡିକାଲ ଖର୍ଚ୍ଚ ନିମନ୍ତେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଉକ୍ତ ସ୍କୁଲର ଅଷ୍ଟମ ଶ୍ରେଣୀରେ ପଢୁଥିବା ଶ୍ୱେତା ଘିବେଲା ନାମକ ଜୈନିକ ଛାତ୍ରୀ ଖେଳ ସମୟରେ ପଡିଯାଇଥିଲେ । ଫଳରେ ତାଙ୍କ ଡାହାଣ ଗୋଡ଼ ଫ୍ୟାକ୍‌ଚର ହୋଇଯିବାରୁ ବରଗଡର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ । ଫ୍ୟାକ୍‌ଚର ମେନେଜମେଂଟ ବାବଦରେ ଝିଅଙ୍କ ଅଭିଭାବକଙ୍କ ଉପରେ ଆର୍ଥିକ ବୋଝ ପଡିଥିଲା । ଝିଅଙ୍କ ବାପା ଏ ବିଷୟରେ ଜିଲ୍ଲା ଜୁନିୟର ରେଡକ୍ରସ ଅଫିସର ରବିଚନ୍ଦ୍ର ପଶାୟତଙ୍କୁ ରେଡକ୍ରସ ତରଫରୁ କିଛି ଆର୍ଥିକ ସହାୟତା ଯୋଗାଇ ଦେବାକୁ ଅନୁରୋଧ କରିଥିଲେ । ପରବର୍ତ୍ତୀ ସମୟରେ ସବିଶେଷ ତଥ୍ୟ ସହିତ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଅନୁମୋଦନ କ୍ରମେ ଏବଂ ରାଜ୍ୟ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁଙ୍କ ସଂଯୋଜନାରେ ଭାରତୀୟ ରେଡକ୍ରସ ଓଡ଼ିଶା ରାଜ୍ୟ ଶାଖା ୧୦ ହଜାର ଟଙ୍କା ଉକ୍ତ ଛାତ୍ରୀ ଶ୍ୱେତା ଘିବେଲାଙ୍କୁ ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ତଥା ଜିଲ୍ଲା ଜୁନିୟର ରେଡକ୍ରସ ସମ୍ପାଦକ ଡ. ରାଧାକାନ୍ତ ଗଡତିଆ, ଏଡିଇଓ ମଞ୍ଜୁଲତା ଭୋଇ, ଭାଇସ ଚେୟାରମ୍ୟାନ ଗତିକୃଷ୍ଣ ମିଶ୍ର ପ୍ରମୁଖ ଶ୍ୱେତାଙ୍କୁ ସୁସ୍ଥ ରହିବାକୁ ଶୁଭେଚ୍ଛା ଜଣାଛନ୍ତି ।

# ସାନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ମୂର୍ତ୍ତି ସ୍ଥାପନକୁ ବିରୋଧ

କେନ୍ଦ୍ରାପଡା, ୧୩/ ୦୭ (ନି.ପ୍ର) : କେନ୍ଦ୍ରାପଡା ସାଂନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ପ୍ରତିମୂର୍ତ୍ତି ସ୍ଥାପନକୁ ତୀବ୍ର ବିରୋଧ କରାଯାଇଛି । ଏନେଇ କଲେଜର ବର୍ତମାନର ଛାତ୍ର ଓ ପୂର୍ବତନ ଛାତ୍ରମାନେ ଏକ ଲିଖିତ ପ୍ରତିବାଦ ପତ୍ର ମହାବିଦ୍ୟାଳ ର +୨ ଓ +୩ ଅଧ୍ୟକ୍ଷଙ୍କୁ ପ୍ରଦାନ କରିଥିବା ଜଣାପଡିଛି । ଘଟଣା ମୁତାବକ କେନ୍ଦ୍ରାପଡା ହାଇସ୍କୁଲ ଛକରେ ଥିବା ସ୍ୱର୍ଗତଃ ଆନନ୍ଦ ଜେନାଙ୍କ ପ୍ରତିମୂର୍ତି କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ପ୍ରଶାସନ ନିଷ୍ପତି ନେବାପରେ ଏହି ପୁରୁଣା ମୂର୍ତିକୁ ପ୍ରଥମେ କେନ୍ଦ୍ରାପଡା କଲେଜ ପରିସରରେ ସ୍ଥାପନ ପାଇଁ ଉଦ୍ୟମ କରାଯାଇ ଥିଲା । ତେବେ ଏହାକୁ ବର୍ତମାନର ଛାତ୍ର ଓ ପୂର୍ବତନ ଛାତ୍ରମାନେ ବିରୋଧ କରିବାରୁ ସାଂନ୍ଧ୍ୟ ମହାବିଦ୍ୟାଳୟ ପରିସରରେ ସ୍ଥାପନ ପାଇଁ ଉଦ୍ୟମ କରାଯାଉ ଥିବା ବିଶେଷ ସୂତ୍ରରୁ ଜଣାପଡିବା ପରେ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି ହୋଇଛି । ଉଭୟ କଲେଜ ସ୍ଥାପନରେ ତଥା କେନ୍ଦ୍ରାପଡା ବିକାଶରେ ସ୍ୱର୍ଗତଃ ଜେନାଙ୍କର କୌଣସି ଅବଦାନ ନଥିବା ବେଳେ ତାଙ୍କ ପୁରୁଣା ପ୍ରତିମୂର୍ତିକୁ କଲେଜ ପରିସରରେ ସ୍ଥାପନ କରାଗଲେ ଭବିଷ୍ୟତରେ ବିବାଦ ମାନ ଅବସ୍ଥା ଓ ଛାତ୍ର ବିଶୃଙ୍ଖଳା ସୃଷ୍ଟି ହେବ ବୋଲି ଚେତାବନୀ ଦିଆଯାଇଛି । ଏନେଇ କଲେଜର ଅଧ୍ୟକ୍ଷ ପ୍ରତିବାଦ ପତ୍ର ପାଇବା ପରେ ପରିଚାଳନା ସମିତି ସଭାପତି ତଥା ଅତିରିକ୍ତ ଜିଲ୍ଲାପାଳ ଙ୍କୁ ଏହି ପ୍ରତିବାଦ ପତ୍ର ପଠାଇ ଦେଇଛନ୍ତି । ଏହି ମୂର୍ତି ସ୍ଥାପନକୁ ବିରୋଧ କରି ସାଂନ୍ଧ୍ୟ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କୁ ଦିଆଯାଇ ଥିବା ପ୍ରତିବାଦ ପତ୍ରରେ ମମତା ସେଠୀ, ପିଙ୍କି ସେଠୀ, ପୂଜାରାଣୀ ନାୟକ, ଲିପ୍ସାରାଣୀ ମହାନ୍ତି, ସୋନି ସାମଲ, ଜ୍ୟୋସ୍ନାମୟୀ ସୁତାର, ପ୍ରକାଶ ମହାନ୍ତି, କାଜଲ ବାରିକ ପ୍ରମୁଖ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ସୁବର୍ଣ୍ଣପୁର ଜିଲ୍ଲାସ୍ତରୀୟ ବିଶ୍ୱ ଜନସଂଖ୍ୟା ଦିବସ ପାଳିତ

ସୁବର୍ଣ୍ଣପୁର , ୧୩/ ୦୭ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରସ୍ଥ ତାଲିମ କେନ୍ଦ୍ର ଠାରେ ଜିଲ୍ଲା ସ୍ତରୀୟ ବିଶ୍ୱ ଜନ ସଂଖ୍ୟା ଦିବସ ପାଳିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଡାକ୍ତରଖାନା ଡି ପି ଏଚ ଓ ଡାକ୍ତର ମନୋଜ କୁମାର ଅଦାବର, ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଏଡିପିଏଚଓ (ଟିବି ) ଡାକ୍ତର ପଦ୍ମହଂସା ଦୋରା,ଏଡିପିଏଚଓ (ଡି ସି / ଭିବିଡି ) ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ, ଡାକ୍ତର ମାନସ ରଞ୍ଜନ ଦଣ୍ଡପାଟ, ଡାକ୍ତର ପ୍ରକାଶ ଦନସେନା, ଜିଲ୍ଲା ପ୍ରୋଗ୍ରାମ ମ୍ୟାନେଜର ବିଶ୍ୱମ୍ବର ବେହେରା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ପ୍ରମୁଖ ମଂଚାସୀନ ରହିଥିଲେ । ଏହି ଅବସରରେ ଜିଲ୍ଲାର ୧୧ ଜଣ ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ଏବଂ ୬ ଟି ସ୍ୱାସ୍ଥ୍ୟ ଅନୁଷ୍ଠାନକୁ ଜନସଂଖ୍ୟା ବୃଦ୍ଧି ନିରାକରଣରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ମାନପତ୍ର ଓ ଟ୍ରଫି ପ୍ରଦାନ ସହ ଅତିଥି ବୃନ୍ଦ ପୁରସ୍କୃତ କରି ଉତ୍ସାହିତ କରିଥିଲେ । ଦିବସ ପରିପ୍ରେକ୍ଷୀରେ ଅନୁଷ୍ଠିତ ସଚେତନତା ସଭାରେ ଅତିଥି ବୃନ୍ଦ ଦିବସ ପାଳନ ର ତାତ୍ପର୍ଯ୍ୟ ଓ ଆଭିମୁଖ୍ୟ ଉପରେ ଆଲୋକପାତ କରିବା ସହ ସାମ୍ପ୍ରତିକ ସମୟରେ ଜନସଂଖ୍ୟା ବୃଦ୍ଧି ବୈଶ୍ୱିକ ସମସ୍ୟା ହୋଇଥିବା ବେଳେ ଏହାକୁ ରୋକିବାକୁ ସମାଜ ର ପ୍ରତ୍ୟକ ସ୍ତରରେ ବ୍ୟକ୍ତିଗତ ଭାବେ ଆନ୍ତରିକ ସାମିଲ ହେବାକୁ ଆହ୍ୱାନ କରାଯାଇଛି । ପୁନଶ୍ଚ ଜିଲ୍ଲାର କୋଣ ଅନୁକୋଣ ରେ ବିଭିନ୍ନ ବର୍ଗରେ ବ୍ୟାପକ ସଚେତନତା ପୂର୍ବକ ଜନସଂଖ୍ୟା ବୃଦ୍ଧି କୁ ରୋକାଯାଇ ଏକ ସୁସ୍ଥ ସୁନ୍ଦର ଭାରତବର୍ଷ ଗଠନ କରାଯାଇପାରିବ ସେଥି ନିମନ୍ତେ ଅତିଥି ବୃନ୍ଦ ନିଜ ନିଜର ବହୁମୂଲ୍ୟ ମତପ୍ରକାଶ କରିଥିଲେ । ସମଗ୍ର କାର୍ଯ୍ୟକ୍ରମ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ବୃନ୍ଦାବନ ସାହୁ ଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଅନୁଷ୍ଠିତ ହୋଇଥିବା ବେଳେ ଡି ପି ଏମ ବିଶ୍ୱମ୍ବର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମ କୁ ଏସ ଆଇ ମନୋଜ କୁମାର ପ୍ରଧାନ, ଡି ଏମ ଆର ସି ଏଚ ସୁଧାଂଶୁ ନାଏକ, ଡି ଡି ଏମ ପ୍ରଦୀପ ସାହୁ,ଏଏମସିପି ତରଣୀ ସେନ ପ୍ରଧାନ ଓ ଏମପିଏଚ ଏସ (ଏମ) ପ୍ରମୋଦ ସାହୁ ପ୍ରମୁଖ ସହଯୋଗ କରିଥିଲେ । ଅନୁଷ୍ଠିତ ସଭାରେ ଷ୍ଟାଫ ନର୍ସ, ନର୍ସିଙ୍ଗ ଛାତ୍ର ଛାତ୍ରୀ, ଆଶା କର୍ମୀ, ଜିଲ୍ଲାର ବିଭିନ୍ନ ସିଏଚସି ଓ ପିଏଚସି ର ସ୍ୱାସ୍ଥ୍ୟ ଅଧିକାରୀ , ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର କର୍ମକର୍ତ୍ତା ଙ୍କ ସହ ଜିଲ୍ଲା ସ୍ତରୀୟ ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।

# ଅଲଟ୍ରାସାଉଣ୍ଡ ଚାଲିବା ଉପରେ ବୈଠକ

ଜୟପୁର, ୧୩/ ୦୭ (ନି.ପ୍ର): କୋରାପୁଟ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ କୋରାପୁଟ ଜିଲ୍ଲାରେ କିପରି ପିସି ଏଣ୍ଡ ପିଏନଣ୍ଡିଟି ଆକ୍ଟ ଅନୁସାରେ ଅଲ୍ଟ୍ରାସାଉଣ୍ଡ ମେସିନ ଚାଲିବ ତାହା ଉପରେ କୋରାପୁଟ ଜିଲ୍ଲାପାଳଙ୍କ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲାପାଳ ଅବଦଲ ଏମ ଅଖତର,ଡିଏସପି ସଞ୍ଜୟ କୁମାର ମଣ୍ଡଳ, ଡାକ୍ତର ଅରୁଣ କୁମାର ପାଢ଼ୀ, ଲିଙ୍ଗ ନିରୂପଣ ଏକ ଅପରାଧ ଏବଂ ଯଦି କେହି ଏପରି କରୁଥିବେ ତାହା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ କହିଥିଲେ । କୋରାପୁଟ ଜିଲ୍ଲାରେ ବର୍ତମାନ ୧୪ଟି ଅଲଟ୍ରାସାଉଣ୍ଡ କାମ କରୁଛି । ଲୋକଙ୍କ ସୁବିଧା ପାଇଁ ବୋରିଗୁମ୍ମା, ଲକ୍ଷ୍ମୀପୁର ରେ ଆରମ୍ଭ ହେବ ଅଲ୍ଟ୍ରାସାଉଣ୍ଡ ଟେଷ୍ଟ । ଅଲ୍ଟ୍ରାସାଉଣ୍ଡ ମେସିନ ବୋରିଗୁମ୍ମା ଏବଂ ଲକ୍ଷ୍ମୀପୁର ରେ ପହଂଚି ଯାଇଛି ଏବଂ ବିଶେଷଜ୍ଞ ଡାକ୍ତର ଏହି ଅଲ୍ଟ୍ରାସାଉଣ୍ଡ ପରୀକ୍ଷା କରିବେ । ଏହା ଦ୍ୱାରା ଜିଲ୍ଲାର ବନ୍ଧୁଗାଁ , ନାରାୟଣପାଟଣା, ଦସମନ୍ତପୁର, କୋଟପଡ଼ ପରି ବ୍ଲକର ଅନେକ ଲୋକ ଉପକୃତ ହୋଇ ପାରିବେ । ନନ୍ଦପୁର ଏବଂ ମାଥାଲପୁଟ,କୋଟପଡ଼ ଏବଂ ବୋଇପାରିଗୁଡା ଠାରେ ଅଲ୍ଟ୍ରାସାଉଣ୍ଡ ମେସିନ ପାଇଁ ପ୍ରକ୍ରିୟା ଆରମ୍ଭ ହେବ । ସୁରକ୍ଷିତ ମାତୃତ୍ୱ ଉପରେ ଗୁରୁତ୍ୱ ଦେଇ ଚଗଝଗଇ ପ୍ରୋଗ୍ରାମ ଦ୍ୱାରା ଜିଲ୍ଲାରେ ଥିବା ସମସ୍ତ ବେସରକାରୀ ଅଲ୍ଟ୍ରାସାଉଣ୍ଡ ସେଣ୍ଟର ରେ ମାଗଣାରେ ଅଲ୍ଟ୍ରାସାଉଣ୍ଡ ପରୀକ୍ଷା ହେବ । ପିସି ପିଏନଣ୍ଡିଟି ଏକ ଟାସ୍କଫୋର୍ସ କମିଟି ମେମ୍ବର ଦ୍ୱାରା କୋରାପୁଟ ଜିଲ୍ଲାରେ ଥିବା ସମସ୍ତ ଅଲ୍ଟ୍ରାସାଉଣ୍ଡ କେନ୍ଦ୍ର ପରିଦର୍ଶନ କରିବା ପାଇଁ ଯୋଜନା କରିବା ପାଇଁ ସ୍ଥିର ହୋଇଛି । ଯଦି କେହି ଲିଙ୍ଗ ନିରୂପଣ କରୁଛନ୍ତି, ତାଙ୍କୁ ଧରା ଯିବା ସହ ଆଇନ ଅନୁଯାୟୀ ଦଣ୍ଡ ଦିଆ ଯିବ । ଜୟପୁର ମୁଖ୍ୟ ଚିକିତ୍ସାଳୟ ର ଡାକ୍ତର ଐଶ୍ୱୟ ପୃଷ୍ଟି, ଶିଶୁ ବିଶେଷଜ୍ଞ ଶ୍ରୀ ଅଶୋକ ମଲିକ ଏବଂ ସହିଦ ଲକ୍ଷଣ ନାୟକ ମେଡ଼ିକାଲ କଲେଜ ର ଡାକ୍ତର ରାଧା ପାଣିଗ୍ରାହୀ, ଇଚଚ ଓକିଲ ଶ୍ରୀ ଚକ କ୍ଟବୟଷସ ,ଜିଲ୍ଲା ସୂଚନା ଅଧିକାରୀ ଶ୍ରୀ ସ୍ୱରାଜ ସୀସା , ଶୁଭକାନ୍ତ ଗନ୍ତାୟତ, ବାଳକୃଷ୍ଣ ମଣ୍ଡଳ, ମେଡ଼ିକାଲ କଲେଜ ହସ୍ପିଟାଲ ମେନେଜର ସଙ୍ଗୀତ ସାମଲ , ରୂପସୀ ମଧୁମିତା ନାୟକ ଏବଂ ସୂର୍ଯ୍ୟ ମହାପାତ୍ର ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇଥିଲେ ।

# ଧନତ୍ରୀ ବାଲିଘାଟରେ ତହସିଲଦାରଙ୍କ ଚଢ଼ାଉ : ୨ ବାଲିଗାଡ଼ି ଜବତ

କୋରାଇ, ୧୩/ ୦୭ (ନି.ପ୍ର) : ବ୍ୟାସନଗର ତହସିଲ ପକ୍ଷରୁ ଅତିରିକ୍ତ ତହସିଲଦାର ବିକ୍ରମ କୁମାର ମଲ୍ଲିକ ଆଜି ମଧ୍ୟାହ୍ନରେ ଧନତ୍ରୀ ବାଲିଘାଟରେ ଅଚାନକ ଚଢାଉ କରିଥିଲେ । ଘାଟରେ ଲୋଡ ହୋଇଥିବା ୨୦ରୁ ଊର୍ଦ୍ଧ ଭାରୀଯାନ ଦେଖି ପାଣିକୋଇଲି ପୁଲିସକୁ ଖବର ଦେଇଥିଲେ । ଘଟଣାସ୍ଥଳେ ପାଣିକୋଇଲି ଭାରାପ୍ରାପ୍ତ ଥାନାଧିକାରୀ ପ୍ରକାଶ ଚନ୍ଦ୍ର ପ୍ରଧାନ ସଦଳବଳେ ପହଂଚିଥିଲେ । ୨ଟି ବାଲିଗାଡି ଗୋଟିଏ ୧୦ଚକିଆ ଓ ଗୋଟିଏ ୬ ଚକିଆ ଗାଡିକୁ ଜବତ କରି ପାଣିକୋଇଲି ପୁଲିସ ଜିମା ଦେଇଥିଲେ । ଜବତ ଗାଡି ଦୁଇଟି ଓଡି୦୯ ସି ୫୪୫୮ ଓ ଓଡି୦୧ଏଡି ୬୫୫୫ ଅଟେ । ହେଲେ କେଉଁ କାରଣ ପାଇଁ ଚଢାଉ କରିଥିଲେ । ୨୦ରୁ ଊର୍ଦ୍ଧ ଗାଡିକୁ ଛାଡି କାହିଁକି ମାତ୍ର ଦୁଇଟି ଗାଡି ଜବତ କଲେ ତାର ଉତର କେବଳ ଅତିରିକ୍ତ ତହସିଲଦାର ଦେଇପାରିବେ । ଅତିରିକ୍ତ ତହସିଲଦାର ଘାଟ ଛାଡିବା ପରେ ବାଲି ଚାଲାଣ ପ୍ରକ୍ରିୟା ସ୍ୱାଭାବିକ ହୋଇଥିଲା । ଏନେଇ ଶ୍ରୀ ମଲ୍ଲିକଙ୍କ ଯୋଗାଯୋଗ କରିବାରୁ ସେ ଫୋନ ଉଠାଇନଥିଲେ । ପ୍ରକାଶ ଥାଉକି ଗତ ଜୁନ ୨୬ ତାରିଖ ନଦୀ ବନ୍ଧର ସୁରକ୍ଷା ଓ ଯାତାୟତର ଅସୁବିଧା ନେଇ ସ୍ଥାନୀୟ ଅଧିବାସୀଙ୍କ ଅଭିଯୋଗ ପରେ ତହସିଲ ନିର୍ଦ୍ଦେଶରେ ପାଣିକୋଇଲି ପୁଲିସ ଭାରୀଯାନ ଉପରେ ଅଙ୍କୁଶ ଲଗାଇବାକୁ ଯାଇ ଘାଟ ବନ୍ଦ କରିଥିଲା । କିନ୍ତୁ ପରବର୍ତ୍ତୀ ଅବସ୍ଥାରେ ବନ୍ଦଥିବା ଘାଟ ଚାଲୁ ରହିଥିଲା । ବାରମ୍ବାର ପ୍ରଶାସନ ପକ୍ଷରୁ ବନ୍ଦ କରିବା ଓ ପୁଣି ଚାଲୁ କରିବା ପଛରେ କି ରହସ୍ୟ ରହିଛି ତାକୁ ସାଧାରଣରେ ବୁଝିବା କଷ୍ଟକର ବ୍ୟାପାର ହୋଇଛି । ତହସିଲ ପ୍ରଶାସନ ନିଜ ଇଚ୍ଛାରେ ବନ୍ଦ ଖୋଲା କରୁ ଛି ନା କାହା ଚାପରେ ଚାପି ହୋଇ ଏଭଳି କାର୍ଯ୍ୟ କରୁଛି ତାକୁ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜଙ୍ଗଲ ସଂରକ୍ଷଣ ବିଲ୍...

ସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଯାଉଛି ଆଉ ମାତ୍ର କିଛିଦିନ ପରେ। ଏହି ଅଧିବେଶନରେ ଯେତେଗୁଡ଼ିଏ ଗୁରୁତ୍ୱପୂର୍ଣ୍ଣ ବିଲ୍ ସଦନରେ ଉପସ୍ଥାପନ ହେବାର ସମ୍ଭାବନା ରହିଛି, ସେସବୁ ମଧ୍ୟରୁ ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକ ମଧ୍ୟରେ ରହିଛି ଜଙ୍ଗଲ (ସଂରକ୍ଷଣ) ସଂଶୋଧନ ବିଲ୍, ୨୦୨୩ । ତେବେ ମିଳିତ ସଂସଦୀୟ କମିଟି (ଜେପିସି)ରେ ଚିଠା ବିଧେୟକର ଯାଞ୍ଚ କାଳରେ ଘଟିଥିବା ଘଟଣାଗୁଡ଼ିକୁ ଯଦି କିଛି ସଂକେତ ଭାବରେ ଗ୍ରହଣ କରାଯାଏ, ତା'ହେଲେ ଏହା ମଧ୍ୟ ଏକ ବିବାଦୀୟ ବିଲ୍ ହେବାକୁ ଯାଉଛି ବୋଲି କୁହାଯାଇ ପାରିବ । କମିଟିର ଚାରିଜଣ ବିରୋଧୀ ସଦସ୍ୟ ବିଲ୍ କେତେକ ଦିଗ ଉପରେ ସେମାନଙ୍କର ଅସହମତି ନୋଟ୍ ପ୍ରଦାନ କରି ସାରିଥିବା ବେଳେ କମିଟି ତାଙ୍କର ରିପୋର୍ଟ ମଙ୍ଗଳବାର ଦିନ ଦେଇ ସାରିଛନ୍ତି । ବିବାଦର କେନ୍ଦ୍ରରେ ଯାହା ରହିଛି, ତାହା ହେଉଛି- ବିଲ୍‌ରେ ଉଲ୍ଲେଖ କରାଯାଇଥିବା ଜଙ୍ଗଲ ସମ୍ପର୍କିତ ଧାରଣା ଯେ ଜଙ୍ଗଲ କାହାକୁ କୁହାଯାଉଛି । ବିଧ ସେଣ୍ଟର ଫର ଲିଗାଲ ପଲିସିର ଏକ ରିପୋର୍ଟ ଅନୁସାରେ, ପ୍ରସ୍ତାବିତ ଆଇନଟି ଭାରତୀୟ ଜଙ୍ଗଲ ଆଇନ, ୧୯୨୭, ବା ଅନ୍ୟ ଯେ କୌଣସି ଆଇନ ଅଧୀନରେ ଯେଉଁ ଜମିକୁ ଏକ ଜଙ୍ଗଲ ଭାବରେ ଘୋଷିତ ବା ବିଜ୍ଞପିତ କରାଯାଇଛି, କେବଳ ସେହି ଜମିକୁ ହିଁ ଜଙ୍ଗଲ ଭାବରେ ଏହାର ପରିସରଭୁକ୍ତ କରିଛି । ଏହା ମଧ୍ୟ ୧୯୮୦ ଅକ୍ଟୋବର ୨୫ ତାରିଖ ପରେ ଜଙ୍ଗଲ ଜମି ଭାବରେ ରେକର୍ଡଭୁକ୍ତ ହୋଇଥିବା ଜମିକୁ ହିଁ ଜଙ୍ଗଲ ଜମିର ମାନ୍ୟତା ଦେବାର ପ୍ରୟାସ କରିଛି । ସମାଜ କର୍ମୀମାନଙ୍କ ଯୁକ୍ତି ଅନୁସାରେ, କବ୍‌ଜା କରିବା ଏବଂ ଅନ୍ୟ ଉଦ୍ଦେଶ୍ୟରେ ବ୍ୟବହାର କରିବାରୁ ଜଙ୍ଗଲ ଅଞ୍ଚଳକୁ ସୁରକ୍ଷା ପ୍ରଦାନକୁ ନିଶ୍ଚିତ କରିବା ନିମନ୍ତେ ପାରମ୍ପରିକ ଭାବରେ ସାଧାରଣତଃ ଭାରତ ଜଙ୍ଗଲର ଯେଉଁ ଉଦାରବାଦୀ ସଂଜ୍ଞା ସପକ୍ଷରେ ରହିଛି, ଏହି ଉଦ୍ୟମ ତା'ର ବିରୋଧାଚରଣ କରୁଛି । ସେମାନେ ଆଶଙ୍କା କରନ୍ତି ଯେ ଜଙ୍ଗଲ ସଂରକ୍ଷଣ ଆଇନ,୧୯୮୦ରେ ଏହିସବୁ ପରିବର୍ତ୍ତନ କରାଯିବା ପରିବେଶ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବିଶାଳ ଇଲାକାକୁ ଜଙ୍ଗଲ ଅଞ୍ଚଳ ଭାବରେ ଅଭିହିତ ହେବାର ପଥରୋଧ କରିପାରେ ଏବଂ ଜଙ୍ଗଲ ଭାବରେ ବିବେଚନା କରାଯାଉଥିବା ତଥାକଥିତ ଅନେକଗୁଡ଼ିଏ ଜଙ୍ଗଲକୁ ଆଇନର ପରିସରରୁ ବାଦ୍ ଦେଇପାରେ ଯାହା ଭାରତର ମୋଟ ସବୁଜିମା ଆଚ୍ଛାଦନର ହାରାହାରି ୧୫ ପ୍ରତିଶତ ହେବ । ପ୍ରସ୍ତାବିତ ଆଇନର ବିରୋଧୀ କେତେଜଣ ସାଂସଦ ମଧ୍ୟ ଏକ ଆନ୍ତର୍ଜାତିକ ସୀମାର ୧୦୦ କିଲୋମିଟର ମଧ୍ୟରେ ଅବସ୍ଥିତ ଜଙ୍ଗଲ ଜମି ଉପରେ ଜାତୀୟ ଗୁରୁତ୍ୱ ଦୃଷ୍ଟିରୁ କୌଶଳପୂର୍ଣ୍ଣ ବିକାଶମୂଳକ ପ୍ରକଳ୍ପଗୁଡ଼ିକର ସ୍ଥାପନ କରିବାକୁ ବାଦ୍ ଦେବା ଭଳି ମନେ ହେଉଥିବା ଏକ ପ୍ରସ୍ତାବିତ ଭାଗକୁ ପୃଥକ୍ କରି ସମାନ ଧରଣର ଆଶଙ୍କାକୁ ପ୍ରତିଧ୍ୱନିତ କରିଛନ୍ତି। ଜେପିସି ଦ୍ୱାରା ଅନୁମୋଦିତ ପ୍ରସ୍ତାବିତ ଆଇନଟି ଔଦ୍ୟୋଗିକ ବିକାଶ ଏବଂ ଜଙ୍ଗଲଗୁଡ଼ିକର ସଂରକ୍ଷଣ ମଧ୍ୟରେ ରହିଥିବା ଜଟିଳ ଆହ୍ୱାନଗୁଡ଼ିକ ମଧ୍ୟରେ ସନ୍ତୁଳନ ରକ୍ଷା କରିବାରେ ବିଫଳ ହୋଇଥିବାର ସଙ୍କେତ ପ୍ରଦାନ କରିଛି। ଶିଳ୍ପାୟନ କହିଲେ ଅଧିକ ପରିମାଣରେ ଜଙ୍ଗଲ ଜମି ଏବଂ ପାରିବେଶିକ ବ୍ୟବସ୍ଥାର ଉପଯୋଗ କରାଯିବା ଏକ ଅନିବାର୍ଯ୍ୟ କାର୍ଯ୍ୟକୁ ବୁଝାଉ ଥିବା ବେଳେ ଜଙ୍ଗଲ (ସଂରକ୍ଷଣ) ଆଇନ, ୧୯୮୦ ଏ କ୍ଷେତ୍ରରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଥାଏ, ଯାହା ରାଷ୍ଟ୍ରକୁ ଏହାର ନିୟନ୍ତ୍ରଣ କରିବା ନିମନ୍ତେ କ୍ଷମତାପ୍ରାପ୍ତ କରିବା ସଙ୍ଗେ ସଙ୍ଗେ ଏଭଳି ଔଦ୍ୟୋଗିକ ଶୋଷଣ ପାଇଁ ତା' ଉପରେ ବହୁମୂଲ୍ୟ ଧାର୍ଯ୍ୟ କରିବାର ସୁଯୋଗ ଦେଇଥାଏ । ମୂଳତଃ ବିଜ୍ଞପିତ ଜଙ୍ଗଲଗୁଡ଼ିକ ନିମନ୍ତେ ଉଦ୍ଦିଷ୍ଟ ଟିଏନ୍ ଗୋଦାବର୍ମନ୍ ଥ୍ରିମଲ୍ଲପଦ ମାମଲା (୧୯୯୬)ରେ ଅନ୍ୟାନ୍ୟ ଅନେକ ଜିନିଷ ମଧ୍ୟରେ ସୁପ୍ରିମ୍‌କୋର୍ଟ ଏଭଳି ସୁରକ୍ଷାର ପରିସରକୁ ଅଧିକ ବ୍ୟାପ୍ତ କରିବାକୁ ଯାଇ ସରକାରୀ ଭାବରେ ବର୍ଗୀକୃତ ହୋଇ ନଥିବା ଜଙ୍ଗଲଗୁଡ଼ିକର ସୁରକ୍ଷାକୁ ମଧ୍ୟ ପରିସରଭୁକ୍ତ କରିଥିଲେ । ସୂଚାଇ ଦିଆଯାଇପାରେ କି, ଦ୍ୱିବାର୍ଷିକ ଭାରତୀୟ ଜଙ୍ଗଲ ସର୍ବେକ୍ଷଣ ଦର୍ଶାଇଛି ଯେ ଭାରତର ଜଙ୍ଗଲ ଆଚ୍ଛାଦନ ଅତି ନଗଣ୍ୟ ପରିମାଣରେ ବୃଦ୍ଧି ପାଇଛି । ନୂତନ ବ୍ୟାଖ୍ୟାକୁ ଯଦି ଗ୍ରହଣ କରାଯାଏ, ତା'ହେଲେ ଏହା ସେହିସବୁ ସୁରକ୍ଷାଗୁଡ଼ିକରୁ କେତେକକୁ ଦୂରେଇ ଦେବା ସହିତ ଜଙ୍ଗଲ ଇଲାକା ଭାବରେ ବିବେଚିତ ହେଉଥିବା କେତେକ ଅଞ୍ଚଳକୁ ବିପଦୋନ୍ମୁଖୀ କରିବା ସଙ୍ଗେ ସଙ୍ଗେ ଜଙ୍ଗଲ ଉପରେ ନିର୍ଭର କରି ଚଳୁଥିବା ସମ୍ପ୍ରଦାୟମାନଙ୍କ ଜୀବିକାର୍ଜନ ଉପରେ ପ୍ରତିକୂଳ ପ୍ରଭାବ ପକାଇବ । ପ୍ରସ୍ତାବିତ ବିଲ୍ ଦେଶର ଗୋଟିଏ ଭାଗରେ ବିକାଶର ପ୍ରଭାବକୁ ଦ୍ରୁତ ଗତିରେ ପଢ଼ିବା ନିମନ୍ତେ ପ୍ରୋତ୍ସାହନ ଯୋଗାଇବା ସହିତ ଅପର ପଟେ ଅଙ୍ଗାରକ କୁଣ୍ଡ ବା କାର୍ବନ୍ ସିଙ୍କ୍ ସୃଷ୍ଟି କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ଉଦ୍ଦେଶ୍ୟର ଧାରାରେ ହୋଇଥିବା ଜଣାପଡ଼େ । ଏହା ଅବଶ୍ୟ ସତ ଯେ ନୂଆକରି ଦେଖା ଯାଉଥବା ଜଳବାୟୁଜନିତ ବାସ୍ତବ ପରିସ୍ଥିତି ଯୋଗୁଁ ସଂରକ୍ଷଣ ଆଇନଗୁଡ଼ିକ ଯେଉଁଭଳି ଭାବରେ ପ୍ରସ୍ତୁତ ହୋଇଛି, ତା'ର ତର୍ଜମା କରିବା ଆବଶ୍ୟକ କରୁଛି । ତେବେ ଏହି ତର୍ଜମାଗୁଡ଼ିକ ପର୍ଯ୍ୟାପ୍ତ ଭାବରେ ବୈଜ୍ଞାନିକ ପ୍ରମାଣ ଦ୍ୱାରା ସମର୍ଥିତ ହେବା ଆବଶ୍ୟକ । ତେଣୁ ବିଲ୍ ଯଦି ପାରିତ ହୁଏ, ତା'ହେଲେ ଏହା ବିକାଶ ନିମନ୍ତେ ଲୋକମାନଙ୍କ ଅଭିଳାଷକୁ ପୂରଣ କରିବା ସହିତ ଭାରତର ପାରିବେଶିକ ଐତିହ୍ୟ ଏବଂ ଅତ୍ୟନ୍ତ ସମ୍ବେଦନଶୀଳ ଓ ସୂକ୍ଷ୍ମ ଜୈବ ବିବିଧତାର ସଂରକ୍ଷଣ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ ମଧ୍ୟ ଉଦ୍ୟମ କରିବା ଉଚିତ ।

# ଭାଗବତ ଟୁଙ୍ଗି



### ଶ୍ରୀବତ୍ସ ନାୟକ

ଓଡ଼ିଶାର ପ୍ରତ୍ୟେକ ଗାଁରେ ନଡ଼ା କିମ୍ବା ଆଜବେଷ୍ଟସ ଛପର,ମାଟିକାନ୍ଥ ଆଚ୍ଛାଦିତ ଏକ କୋଠ ଘରଟିଏ ହେଉଛି ଭାଗବତ ଟୁଙ୍ଗି । ଘରଟିର ଏପରି ନାମକରଣର ବିଶେଷ ସାର୍ଥକତା ରହିଛି । କାହିଁ କେଉଁ ଆବହମାନ କାଳରୁ ଏହି ଘରେ ଅତିବଡ଼ି ଜଗନ୍ନାଥ ଦାସଙ୍କ ଅନନ୍ୟ ସୃଷ୍ଟି ଓଡ଼ିଆ ଭାଗବତର ପଦଗୁଡ଼ିକ ନିୟମିତ ପାଠ କରାଯାଉଥିଲା ଯାହାକି ପ୍ରତି ଓଡ଼ିଆର ଜୀବନକୁ ପରିଭାଷିତ କରିଛି । ଓଡ଼ିଆ ସଂସ୍କୃତିର ଅବିଚ୍ଛେଦ ଅଙ୍ଗ ସ୍ୱରୂପ 'ଶ୍ରୀମଦ୍ ଭାଗବତ ଗୀତା' ପ୍ରତ୍ୟେହ ସନ୍ଧ୍ୟାରେ ପାଠ କରାଯାଇ ସାମାଜିକ ଶୃଙ୍ଖଳା, ଚରିତ୍ର ଗଠନ ତଥା ସୁସ୍ଥ ସମାଜ ଗଠନ କ୍ଷେତ୍ରରେ ସାଧାରଣ ଲୋକ ମାନଙ୍କୁ ଶିକ୍ଷା ଦିଆଯାଉଥିଲା ଯାହାକି ଭାଗବତ ଟୁଙ୍ଗି ନାମକରଣର ସାର୍ଥକତାକୁ ପ୍ରତିପାଦିତ କରିଛି ।

ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭରେ ପୁରୀରେ ପ୍ରଥମେ ଏହି ଭାଗବତ ଟୁଙ୍ଗୀର ଆବିର୍ଭାବ ହୋଇ କାଳକ୍ରମେ ଓଡ଼ିଶାର ପୁରପଲ୍ଲୀରେ ଏହା ବ୍ୟାପକ ପ୍ରସାର ଲାଭକଲା । ଗ୍ରାମାଞ୍ଚଳରେ ପ୍ରତ୍ୟେହ ସନ୍ଧ୍ୟାରେ ଗ୍ରାମବଧୂ ମାନେ ଏହି ଭାଗବତ ଟୁଙ୍ଗୀରେ ସଞ୍ଜ ଆଳତି, ଧୂପ, ଦୀପ ଦେଇ ଡିବି କିମ୍ବା ଲଣ୍ଠନ ଆଲୁଅ ଜଳାଇ ଥାଆନ୍ତି । ନିଜର ଦୈନନ୍ଦିନ କାର୍ଯ୍ୟ ସମାପ୍ତ ପରେ ଗ୍ରାମର ଆବାଳବୃଦ୍ଧବନିତା ତାଳପତ୍ର ନିର୍ମିତ ଆସନ ପକାଇ ଏଠାରେ ବସି ଥାଆନ୍ତି । ଅ-ଶିକ୍ଷିତ, ପୂର୍ବ-ଶିକ୍ଷିତ, ଅର୍ଦ୍ଧ ଶିକ୍ଷିତ, ସୁ-ଶିକ୍ଷିତ, ଧର୍ମ-ଶିକ୍ଷିତ ତଥା ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ, ଧନୀ ଗରିବର ବାଛ ବିଚାର ନରଖି ସମସ୍ତେ ପ୍ରତ୍ୟେହ ସନ୍ଧ୍ୟାରେ ଏକତ୍ରିତ ହୋଇଥାନ୍ତି ।ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ । ନମଇଁ ନୃସିଂହ ଚରଣ, ଅନାଦି ପରମ କାରଣ ଭଳି ଭାଗବତ ପଦ ଅବଧାନ କିମ୍ବା ପୂଜା ପଣ୍ଡାଙ୍କ କଣ୍ଠରୁ ଉଭାଷିତ ହୁଏ। ଆହା କି ସୁନ୍ଦର ପଦ ମାନ ! କି ସୁମଧୁର କଣ୍ଠ ! କାହାରିକୁ ବାଧ କରାନଗଲେ ମଧ୍ୟ ଗ୍ରାମବାସୀ ମାନେ ସବୁଦିନ ସନ୍ଧ୍ୟାରେ ବସି ଏହି ପଦମାନଙ୍କୁ ଶ୍ରବଣ କରୁଥିଲେ। ଭାଗବତ ଚର୍ଚ୍ଚା ଆଦିରେ ସେମାନଙ୍କର ରାତ୍ରିର ପ୍ରଥମ ପ୍ରହରକୁ ସେମାନେ ବିତାଉଥିଲେ । ଯେଉଁ ମାନେ ବାହାରେ କୌଣସି ଚାକିରି କିମ୍ବା କର୍ମ ଯୋଗରେ ବିନିଯୋଗ ଥାଆନ୍ତି ସେମାନେ ପୂଜା ପର୍ବାଣୀରେ ଗ୍ରାମକୁ ଫେରିଲେ ଭାଗବତ ଟୁଙ୍ଗୀରେ ଯୋଗଦାନ କରିଥାନ୍ତି । ଭାଗବତ ଟୁଙ୍ଗୀର କିଛି ସମୟ ବିତେଇବା ଗ୍ରାମବାସୀଙ୍କର ନିତିଦିନିଆ କାର୍ଯ୍ୟଥିଲା । ଯଦିଓ ଘରଟିର ନାମ 'ଭାଗବତ ଟୁଙ୍ଗୀ' କିନ୍ତୁ ସେଠାରେ ପବିତ୍ର ରାମାୟଣ, ମହାଭାରତ ଭଳି ଗ୍ରନ୍ଥ ମଧ୍ୟ ଆଲୋଚନା ହେଉଥିଲା । ପୁରାଣ ପାଠର ଆଲୋଚନା ସହ ପୂଜାପଣ୍ଡା କିମ୍ବା ଅବଧାନ ମାନେ ଗ୍ରାମବାସୀମାନଙ୍କୁ ନିଜ ଦୈନନ୍ଦିନ ଜୀବନରେ ଉନ୍ନତି ଆଣିବା ପାଇଁ ତଥା ସୁସ୍ଥ ସମାଜ ଗଠନ ନିମନ୍ତେ ପରାମର୍ଶ ଦେଉଥିଲେ । ସନ୍ଧ୍ୟା ହେଲେ ଘରଟି ଝାଞ୍ଜ, ମୃଦଙ୍ଗ, ହରିବୋଲ, କରତାଳି, ହୁଳହୁଳି, କାହାଳୀ ଶବ୍ଦରେ ଉଛୁଳି ପଡେ। ଶାନ୍ତ କାନ୍ତ କୋମଳ ଗ୍ରାମାଞ୍ଚଳର ପରିବେଶରେ ଝୁଣା ଧୂପର ବାସ୍ନା ସହ ମୃଦଙ୍ଗ ଝାଞ୍ଜ ଓ ତା ସାଙ୍ଗକୁ ଅବଧାନଙ୍କ ମୁଖ ନିଶୃତ ସୁସଙ୍ଗୀତ ସ୍ୱରରେ ପୁରାଣ ପଠନ ଗ୍ରାମ ପରିବେଶକୁ ଆହୁରି ସୁନ୍ଦର ଓ ମଧୁମୟ କରୁଥିଲା । ପୋଥି ପଢ଼ିବା, ମସିଣା ବୁଣିବା, ପଥଚାରୀଙ୍କର ରାତ୍ରି ଆଶ୍ରୟ, ଜାନୁ ଘଣ୍ଟିଆ, ଚକୁଳିଆ ପଣ୍ଡା, ଲୋକନୃତ୍ୟକାରୀଙ୍କ ବିଶ୍ରାମ ଗୃହ, ଶିକ୍ଷାଦାନ, ବିଚାରାଳୟ, ନ୍ୟାୟ, ନିଶାପ, ସଙ୍ଗୀତ ଗାୟନ, ସଭା ସମିତି, ଖଜଣା ଆଦାୟ, କୀର୍ତ୍ତନ, ସୂଚନା କେନ୍ଦ୍ର ଆଦି କାର୍ଯ୍ୟ ମଧ୍ୟ ଏହି ଘରେ ହୋଇଥାଏ । ଏହା ସତେ ଯେମିତି ଘର ନୁହେଁ ତ ଗ୍ରାମ ଜୀବନର ମୂକ ସାକ୍ଷୀ । ଅନେକ ଘଟଣାକୁ ସେ ନିଜ ଅନୁଭୂତିକୁ ନେଇଛି। ନୂଆ ବୋହୂର ଗ୍ରାମ ପ୍ରବେଶ, ବୁଢା ବୁଢ଼ୀଙ୍କ ଶେଷ ଯାତ୍ରା, ଶୈଶବଙ୍କ କୋଳାହଳ, ଗ୍ରାମର ଦୋଳ ଉତ୍ସବ, ହୋଲି, କୁଆଁରୀ ଝିଅଙ୍କ ଖୁଦରକୁଣୀ ଓଷା, ରାମ ନାଟକ ଆଦି ଅନେକ ଘଟଣାକୁ ନିଜ ମଧ୍ୟରେ ସ୍ଥାନ ଦେଇଛି। ଗ୍ରାମବାସୀଙ୍କର ସୁଖ ଦୁଃଖର ସାଥୀ ଟିଏ ହୋଇ ଗ୍ରାମର ଜଣେ ସଦସ୍ୟ ପାଲଟି ଯାଇଛି । ଭାଗବତ ଟୁଙ୍ଗୀଟି କେତେ ନ୍ୟାୟ ନିଶକ୍ଷପର ବିଚାର ଦେଖିଛି, କେତେ ସଭା ସମିତିରେ ସାକ୍ଷୀ ଅଛି, କେତେ ବେସାହାରାକୁ ସାହାରା ଦେଇଛି, କେତେ ଅତିଥିଙ୍କୁ ନିଜ କୋଳରେ ସ୍ଥାନ ଦେଇଛି ତାହାର ରେକର୍ଡ କିଏ ବା ଦେଇ ପାରିବ । କେଉଁ ଆବହମାନ କାଳରୁ ଗ୍ରାମର ମଧ୍ୟଭାଗରେ ଥିବା ଏହି ଝାଟି ମାଟିର କ୍ଷୁଦ୍ର କୁଡ଼ିଆଟିଏ ଗ୍ରାମବସୀ ଙ୍କର ଚିର ସହଯୋଗୀ । ସାନ ସିନା ଦାନ ତା ମହାନ ଭଳି ଆକାରରେ କ୍ଷୁଦ୍ର ହେଲେ ମଧ୍ୟ ସମସ୍ତ ବର୍ଗର ଜନସାଧାରଣ ମାନଙ୍କୁ ନିଜର କୋଳରେ ସ୍ଥାନ ଦେଇ ବିଭିନ୍ନତା ମଧ୍ୟରେ ଏକତାର ନିଦର୍ଶନର ପ୍ରମାଣ ଦେଇଛି । ସ୍ୱାର୍ଥ, ଭେଦଭାବଠାରୁ ଗ୍ରାମ ବାସୀଙ୍କୁ ଦୂରେଇ ରଖି ସମସ୍ତଙ୍କୁ ପ୍ରମ ଓ ସଦଭାବନାର ଭାବରେ ଅଭିନ୍ନ କରି ରଖିଛି। କେବଳ ସେତିକି ନୁହେଁ ଗ୍ରାମରେ ଶାନ୍ତି ସ୍ଥାପନ କରିବା, ହିଂସା, କ୍ରୋଧଠାରୁ ଦୂରେଇ ରହିବା, ଭାଇଚାରାର ତତ୍ତ୍ୱକୁ ଶୃଙ୍ଖଳା, ଦିନଚର୍ଯ୍ୟା, ସାମାଜିକ ସଂସ୍କାର ଆଦିର ଶିକ୍ଷା ମଧ୍ୟ ଏଠାରୁ ମିଳୁଥିଲା।

ଏକଦା ସେ ସମୟ ଥିଲା ଯେଉଁ ସମୟରେ ଗ୍ରାମବାସୀ ଏକତ୍ରିତ ହୋଇ ଟୁଙ୍ଗୀରେ ବସୁଥିଲେ। ନିଜର ନିତିଦିନିଆ କର୍ମମୟ ଜୀବନରୁ ଫେରିଲେ ଭାଗବତ ଟୁଙ୍ଗୀରେ କିଛି ସମୟ ବିତାଉଥିଲେ । ଆଜି ଆଉ ସେ ସମୟ ନାହିଁ । ସମୟ ବଦଳି ଯାଇଛି । ସବୁ କିଛି ହଜି ଯାଇଛି । ସମୟ ଛଡେଇ ନେଇଛି ଅନେକ କିଛି ଖାଲି ଯାହା ରହି ଯାଇଛି ସ୍ମୃତି । ସ୍ମୃତି ତ କେବେ ନୁହେଁ ଭୁଲିବାର ସ୍ମୃତି ହେଉଛି ଅତୀତ ଘଟଣାରର ମୂକ ସାକ୍ଷୀ । ସାମ୍ପ୍ରତିକ ପରିସ୍ଥିତି ରେ ଉଜୁଡୁ ଯାଇଛି ସେ ଭାଗବତ ଟୁଙ୍ଗୀ। ଅଧିକାଂଶ ଗ୍ରାମରେ ଜରାଜୀର୍ଣ୍ଣ ଅବସ୍ଥାରେ ସେଦିନର ସେ କୋଠଘର । କିଛି କିଛି ଗାଁରେ ସେ କୋଠ ଘର ଶବ୍ଦ ତ ଶୁଣିବାକୁ ମିଳୁନାହିଁ । ସମୟ ସ୍ରୋତରେ ନିଃସହାୟ ଶୁଷ୍କ ତୃଣ ଭାସିଭାସି ଚାଲିଲା ଭଳି ଭାଗବତ ଟୁଙ୍ଗୀ ସେମିତି ଭାସି ଭାସି ଚାଲି ଆଜି ବିଲୁପ୍ତ ପ୍ରାୟ ହୋଇଗଲାଣି । ଯେଉଁ କେତେ ଖଣ୍ଡ ଗାଁରେ କୋଠ ଘର ଅଛି, କିନ୍ତୁ ତାହା ଭାଗବତ ଟୁଙ୍ଗୀ ହୋଇ ଆଉ ରହିନାହିଁ । ଅତୀତରେ ଯେଉଁଠି ଅନେକ ପୁରାଣ ଓ ସୁସ୍ଥ ସମାଜରର ଗଠନ ନିମନ୍ତେ ଚର୍ଚ୍ଚା ଆଲୋଚନା ହେଉଥିଲା ଏବେ ବି ସେଠି ଚର୍ଚ୍ଚା, ଆଲୋଚନା, ପର୍ଯ୍ୟଲୋଚନା ଚାଲିଛି କିନ୍ତୁ ଫରକ ଏତିକି ଯେ ଚୁଗୁଲିଆଙ୍କ ଚର୍ଚ୍ଚା ଏବେ ଭାଗବତ ଟୁଙ୍ଗୀର ମୁଖ୍ୟ ଆକର୍ଷଣ ପାଲଟିଛି । ସନ୍ଧ୍ୟା ହେଲେ ଗ୍ରାମ ବଧୂଟିଏ ଧୂପ, ଦୀପ, ଦେବାକୁ କୋଠ ଘରକୁ ଯିବା ପାଇଁ ନିଜକୁ ସୁରକ୍ଷିତମନେ କରୁନାହିଁ । ଅସାମାଜିକଙ୍କ ପ୍ରାଦୁର୍ଭାବ ବେଳକୁ ବେଳ ବଢ଼ିବାରେ ଲାଗିଛି । ଗାଁର କିଛି କୁଜି ରାଜା ନେତାଙ୍କ ରାଜନୈତିକ ଦଳର ଏହା ମଧ୍ୟ ଦଳୀୟ ଅଫିସ ହୋଇଗଲାଣି । ନାହିଁ ସେ ପୁରାଣ ନାହିଁ ସେ ଭାଇଚାରା । କାଳର କରାଳ ଗତିରେ ଭାଗବତ ଟୁଙ୍ଗୀ ଆଜି ଅଣ ନିଃଶ୍ୱାସୀ ହୋଇପଡିଛି । ରକ୍ଷଣା ବେକ୍ଷଣା ଅଭାବରୁ ମଧ୍ୟ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି । ବିଳମ୍ବରେ ହେଉ ପଛେ ଏହାର ଏତାଦୃଶ ଅବସ୍ଥା ଦେଖି ଆର୍ଥିକ ବର୍ଷ ୨୦୧୪-୧୫ରେ ରାଜ୍ୟ ସରକାର ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ନିମନ୍ତେ ପଚିଶି ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରିବା ପାଇଁ ଏକ ଯୋଜନା କରିଥିଲେ କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏହି ଯୋଜନା ସରକାରଙ୍କର ନାଲି ଫିତା ତଳେ ରହିଗଲା ।ଆଧୁନିକତାର ଦ୍ୱାହି ଦେଇ ବିକାଶ ନାମରେ ବିନାଶକୁ ନିମନ୍ତ୍ରଣ ସ୍ୱରୂପ ଧ୍ୱଂସ ହୋଇଯାଇଛି ପରମ୍ପରା । ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ଯୁଗରେ ହଜି ଯାଇଛି ସେଦିନର ସେ ଟୁଙ୍ଗୀ । ଦେଶ ଅଗ୍ରଗତି ହେଉ ଜାତିର ଉନ୍ନତି ହେଉ କିନ୍ତୁ ଯଦି ଆମେ ଆମର ମୂଳକୁ ଭୁଲିଯିବା ତେବେ ଦିନେ ଆମର ପରିଚୟ ହରାଇବସିବା ଏଥିରେ ସନ୍ଦେହ ନାହିଁ।


ଅଧ୍ୟାପକ,
ବାଣିଜ୍ୟ ବିଭାଗ
କଟକ
ମୋ ୯୪୩୮୦୭୦୮୪୯


# ବିବାଦୀୟ ଚଳଚ୍ଚିତ୍ର

### ମହେଶ୍ୱର ପାତ୍ର

ଓଡ଼ିଆ ଚଳଚ୍ଚିତ୍ର 'ପ୍ରିୟେ ତୁ ମୋ ସିଏ'ରେ ଅଭିନେତ୍ରୀଙ୍କ ଦ୍ୱାରା ଉଚ୍ଚାରିତ ଏକ ଶବ୍ଦକୁ ନେଇ ଏହି ସିନେମାଟି ବର୍ତ୍ତମାନ ସାରା ରାଜ୍ୟରେ ଚର୍ଚ୍ଚାରେ ରହିଛି। ଚଳଚ୍ଚିତ୍ରର ଏକ ଦୃଶ୍ୟରେ ଅଭିନେତ୍ରୀ ଜଣଙ୍କ ସାମ୍ନାରେ ଥିବା ଅଭିନେତାଙ୍କ ଉଦ୍ଦେଶ୍ୟରେ ହରିଜନ ଶବ୍ଦ ପ୍ରୟୋଗ କରୁଛନ୍ତି ଯାହା ପ୍ରକାରାନ୍ତରେ ଅଭିନେତାର (ନୀଚ)ଜାତିକୁ ସୂଚାଉଛି। ଏହି ଦୃଶ୍ୟକୁ ନେଇ ସମଗ୍ର ଓଡ଼ିଶାର ବହୁଜନ ସମାଜ ରାଜରାସ୍ତାକୁ ଓହ୍ଲାଇଛନ୍ତି ଏବଂ ସେମାନଙ୍କ ପ୍ରମୁଖ ଦାବି ରହିଛି ଚଳଚ୍ଚିତ୍ରରୁ ଏହି ଦୃଶ୍ୟଟିକୁ ବାଦ୍ ଦିଆଯାଉ ନଚେତ ଚଳଚ୍ଚିତ୍ରକୁ ନିଷେଧ ଘୋଷଣା କରାଯାଉ। ଅନେକ ବୁଦ୍ଧିଜୀବି ଏହାର ନିନ୍ଦା କରୁଥିବା ବେଳେ ଅନେକ ଏହି ଘଟଣାକୁ ସଂରକ୍ଷଣ ସହ ଯୋଡ଼ିଛନ୍ତି। ସାମାଜିକ ଗଣମାଧ୍ୟମ ବ୍ୟବହାକାରୀମାନେ ଆଉ ଦୁଇ ପାଦ ଆଗକୁ ଯାଇ ସମ୍ପୃକ୍ତ ଘଟଣାକୁ ନେଇ ଅନେକ ଗୁଡ଼ିଏ ମତ ମନ୍ତବ୍ୟ ଦେଉଛନ୍ତି। କିନ୍ତୁ ଯେ ପର୍ଯ୍ୟନ୍ତ ସିନେମା ସହ ସଂଶ୍ଳିଷ୍ଟ କୌଣସି ବ୍ୟକ୍ତି ବିଶେଷଙ୍କ ମତାମତ ମିଳିପାରିନାହିଁ।

ବାସ୍ତବରେ ଦେଖିବାକୁ ଗଲେ ହରିଜନ ଶବ୍ଦକୁ (ଯଦିଓ ଏହି ଶବ୍ଦର ସୃଷ୍ଟି ଏକ ବିତର୍କର ବିଷୟ) ସର୍ବ ପ୍ରଥମେ ଜାତିର ପିତା ମହାତ୍ମା ଗାନ୍ଧୀ ୧୯୩୨ ମସିହାରେ ବ୍ୟବହାର କରିଥିଲେ। ଗାନ୍ଧୀ ଯେ କେବଳ ଯେ ଶବ୍ଦ ପ୍ରଥମ ଥର ବ୍ୟବହାର କରିଥିଲେ ତାହା ନୁହେ ବରଂ 'ହରିଜନ' ନାମରେ ହିନ୍ଦି, ଇଂଲିଶ ଓ ଗୁଜରାଟି ଭାଷାରେ ଏକ ପତ୍ରିକା(୧୯୩୩ ମସିହାରେ) ମଧ୍ୟ ପ୍ରକାଶ କରୁଥିଲେ। ହରିଜନ ଶବ୍ଦର ଅର୍ଥ ହେଉଛି ହରିଙ୍କ ଜନ ଅର୍ଥାତ୍ ଭଗବାନଙ୍କ ସନ୍ତାନ। ଏହି ଅର୍ଥ ରୁ ହିଁ ବିବାଦର ସୃଷ୍ଟି କହିଲେ ଅତ୍ୟୁକ୍ତି ହେବ ନାହିଁ। ବହୁ ଜନ ସମାଜର ଯୁକ୍ତି ହେଲା ଆମେ ଯଦି ହରି ଅର୍ଥାତ୍ ଭଗବାନଙ୍କ ସନ୍ତାନ ତେବେ ଆମକୁ ଆମ ହରିଙ୍କ ପାଖକୁ ଯିବାରେ, ତାଙ୍କୁ ପୂଜା କରିବାରେ ଏତେ ସାମାଜିକ ପ୍ରତିବନ୍ଧକ କଣ ପାଇଁ? ତେଣୁ ଜେଉଁ ଗୋଷ୍ଠୀ ହରିଙ୍କ ନିକଟତର ବା ହରିଙ୍କୁ ନିତି ପୂଜା ପାଠ କରୁଛନ୍ତି ବରଂ ସେମାନଙ୍କ ପାଇଁ ଯେ ଶବ୍ଦଟିର ପ୍ରୟୋଗ ଉଚିତ ହେବ।

ହରିଜନ ଶବ୍ଦ ବ୍ୟବହାର ପଛରେ ହୁଏତ ଗାନ୍ଧୀଙ୍କର କୌଣସି ମହତ୍ତ୍ୱ ଉଦ୍ଦେଶ୍ୟ ଥାଇପାରେ କିନ୍ତୁ କାଳକ୍ରମେ ଏହା ଅସ୍ପୃଶ୍ୟତା ସହ ଯୋଡ଼ି ହୋଇଗଲା ଏବଂ ଏହାକୁ ଅନେକ ନୀଚ ବର୍ଗର ଲୋକଙ୍କ ପରିଚୟ ରୂପେ ଗ୍ରହଣ କରିନେଲେ। ଯାହାକୁ ବିରୋଧ କରି ଭୀମ ରାଓ ଆମ୍ବେଦକର ୧୯୩୮ ମସିହା ବମ୍ବେ ବିଧାନସଭା ଅଧିବେଶନ ଅଧାରୁ ଉଠି ଆସିଥିଲେ। ତାଙ୍କ ଯୁକ୍ତି ଥିଲା ନିମ୍ନସ୍ଥ ବ୍ୟକ୍ତି ବିଶେଷଙ୍କ ପ୍ରତି ଅସୂୟା ଭାବ ପୋଷଣ କରୁଥିବା ଏକ ଶବ୍ଦକୁ ପ୍ରଧାନମନ୍ତ୍ରୀ ମହାଶୟ ନିଷେଧ ଘୋଷଣା କରିବାକୁ କୁଣ୍ଠିତ କଣ ପାଇଁ? ସେ ଏହି ଶବ୍ଦ ବ୍ୟବହାରର ଘୋର ବିରୋଧ କରୁଥିଲେ ଏବଂ ଅସବର୍ଣ୍ଣ ଗୋଷ୍ଠୀଙ୍କ ନିମନ୍ତେ ଏହା ଏକ ଅପମାନସୁଚକ ଶବ୍ଦ ବୋଲି ମନେ କରୁଥିଲେ। ପରବର୍ତ୍ତୀ ସମୟରେ ୧୯୮୨ ମସିହା ଫେବୃୟାରୀ ୧୦ ତାରିଖ ରେ ଭାରତ ସରକାରଙ୍କ ଦ୍ୱାରା ଯେ ସମ୍ପର୍କରେ ଏକ ନିର୍ଦ୍ଦେଶନାମା ସମସ୍ତ ରାଜ୍ୟ ଏବଂ କେନ୍ଦ୍ର ଶାସିତ ଅଞ୍ଚଳ ନିମନ୍ତେ ଜାରି କରାଯାଇଥିଲା। ଯେଉଁ ଥିରେ ଉଲ୍ଲେଖ ଥିଲା ଯେ, ଜାତିଗତ ପ୍ରମାଣପତ୍ର ଓ ସରକାରୀ ନଥିପତ୍ରରେ ହରିଜନ, ଗିରିଜନ ଆଦି ଶବ୍ଦର ବ୍ୟବହାର ହୋଇ ପାରିବ ନାହିଁ। କିନ୍ତୁ କାଳକ୍ରମେ ସଂସଦୀୟ କମିଟିର ହୃଦବୋଧ ହେଲା ଯେ ଏହି ନିର୍ଦ୍ଦେଶନାମା ନିଜର ଉଦ୍ଦେଶ୍ୟ ସାଧନ ଦିଗରେ ବିଫଳ ହୋଇଛି। ପୁନଶ୍ଚ ସଭା ସମିତି ଓ ସାଧାରଣରେ ଯେ ଶବ୍ଦର ପ୍ରୟୋଗ ଦିନକୁ ଦିନ ବୃଦ୍ଧି ପାଇଲା ଏହାକୁ ବିରୋଧ କରି ଦଳିତଙ୍କ ମାନବିକ ଅଧିକାରର ସୁରକ୍ଷା ନିମନ୍ତେ କାର୍ଯ୍ୟ କରୁଥିବା ଏକ ସଂଗଠନ(ସେଣ୍ଟର୍ ଫର୍ ଦଳିତ ହ୍ୟୁମାନ ରାଇଟ୍ସ) ଏହି ଶବ୍ଦକୁ ସମ୍ପୂର୍ଣ୍ଣ ରୂପେ ନିଷେଧ ଘୋଷଣା କରିବା ପାଇଁ ଜୋରଦାର ଆନ୍ଦୋଳନ ଆରମ୍ଭ କଲା। ଯାହା ଫଳରେ, କେନ୍ଦ୍ର ସରକାରଙ୍କ ସାମାଜିକ ନ୍ୟାୟ ଓ ସଶକ୍ତିକରଣ ବିଭାଗ ପୁନଶ୍ଚ ୨୦୧୦ ମସିହାରେ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଆଉ ଏକ ଗୁରୁତ୍ତ୍ୱପୂର୍ଣ୍ଣ ନିର୍ଦ୍ଦେଶନାମା ଜାରି କଲେ। ଯେଉଁଥିରେ ଏହି ଶବ୍ଦର ବ୍ୟବହାରକୁ ସମ୍ପୂର୍ଣ୍ଣ ଭାବେ ବାରଣ କରିବାକୁ ନିର୍ଦ୍ଦେଶ ଥିଲା। ଏପରିକି ସର୍ବୋଚ୍ଚ ନ୍ୟାୟାଳୟର ନ୍ୟାୟଧିଶ ଅଶୋକ ଭୂଷଣ ଓ ଆର କେ ଅଗ୍ରୱାଲକୁ ନେଇ ଗଠିତ ଖଣ୍ଡପୀଠ ଏହି ଶବ୍ଦକୁ ଅପମାନଜନକ, ଉପହାସ୍ୟ ଓ ଘୃଣା ସୃଷ୍ଟିକାରୀ ବୋଲି ମନ୍ତବ୍ୟ ଦେଇଥିଲେ।

ଉପରୋକ୍ତ ଆଲୋଚନାରୁ ଏହା ସ୍ପଷ୍ଟ ଯେ, ବର୍ତ୍ତମାନ ଆମ ଦେଶରେ ହରିଜନ ଶବ୍ଦର ବ୍ୟବହାର ସମ୍ପୂର୍ଣ୍ଣ ରୂପେ ନିଷେଧ (ଭାରତର ଅନେକ ଗୁଡ଼ିଏ ରାଜ୍ୟରେ ଏହି ନିୟମକୁ ଅତି କଠୋର ରୂପେ ପାଳନ ମଧ୍ୟ କରା ଯାଉଛି)। ଏହା ଏକ ଅସାମ୍ବିଧାନିକ ତଥା ଅସୂୟା ଭାବ ବହନ କରୁଥିବା ଏକ ଶବ୍ଦ ତେଣୁ ଚଳଚ୍ଚିତ୍ରର ନିର୍ମାତା ମାନେ କ୍ଷମା ପ୍ରାର୍ଥନା ପୂର୍ବକ ଏହି ଶବ୍ଦର ବ୍ୟବହାରକୁ ସିନେମାରୁ ବାଦ୍ ଦେଇ ଏହାକୁ ହଲ୍‌ରେ ପ୍ରଦର୍ଶିତ କରାଇବାରେ କୌଣସି ଅସୁବିଧା ନାହିଁ।


କୁଶଳେଶ୍ୱର ଆଞ୍ଚଳିକ
ମହାବିଦ୍ୟାଳୟ
ମୋ: ୭୦୦୮୦୬୫୮୭୫





## ପ୍ରାଣଠାକୁର

### ଜଗଦୀଶ ସାହୁ

ଜଗନ୍ନାଥ ମୋର ପ୍ରାଣର ଠାକୁର
କରିବ ନାହିଁ କପଟ
ତୁମ ଭୂଜଛାଇ ଆଶ୍ରାକରି ମୁହିଁ
ଚାଲୁଛି ସଂସାର ବାଟ !
ଗୋଡ଼ ଗଲେ ଖସି ପ୍ରଭୂ ତୁମେ ଆସି
ଯଦି ନ ହୋଇବ ସାହା
କି ଲାଭ ହୋଇବ ହେ କଳାମାଧବ
ନାମ ବହି ଚଉବାହା
ତୁମେ କଲେ ପର ହେବି ମୁଁ କାହାର
କୁହ ହେ ବିଶ୍ୱସମ୍ରାଟ !
ଚରଣେ ତୁମର ମଥା ନଇଁ ମୋର
ଶରଣ ପଶୁଛି ମୁହିଁ
ମୋ ଆଶା ବିଶ୍ୱାସ ଆହେ ପୀତବାସ
କାଚ ପରି ଭାଙ୍ଗନାହିଁ
କଣିକାଏ ଲୋଡ଼ା ଅମୃତ ଅଭଡ଼ା
ଖାଇଲେ ପୁରିବ ପେଟ !


ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬


## ବର୍ଷା ପକାଏ ଝୋଟି

### ବାବାଜୀ ଚରଣ ଜେନା

ବର୍ଷା ଆସି ଏଠି ଚାଲି ଯାଏ ପୁଣି
ଓଦା କରି ଦେଇ ମାଟି
ଲାଗଇ ଯେମିତି ବର୍ଷା ପକାଇଛି
ଅଗଣାରେ ମୋର ଝୋଟି
ବର୍ଷା ଆସି ଏଠି ।
ବର୍ଷା ଲାଗି ସନ୍ଧ୍ୟା ଓଦାଓଦା ଲାଗେ
ମିଳିଯାଏ କପେ କଫି
ସମୟବି ମୋର ସରି ଯାଏ ଯାହା
ପ୍ରିୟା ପାଖରେ ତ ଗପି
ଭାରି ଭଲ ଲାଗେ ବର୍ଷା ଭିଜା ସନ୍ଧ୍ୟା
ମନେପଡେ କେତେ ସ୍ମୃତି
ବର୍ଷା ଆସି ଏଠି ।
ଆସୁଛି ଯାଉଛି ଏଇ ବର୍ଷା ଦେଖ
ମନ୍ଦନ ଚହଲାଇ
ପ୍ରେମିକାଟି ପରି ହସି ଦେଇ ଯାଏ
ଝର୍କା ବାଟେ ଛୁଇଁ ଦେଇ
ଥଣ୍ଡାଥଣ୍ଡା ବାଆ ପରସି ଦିଅଇ
ଶିହରାଇ ମୋର ଛାତି
ବର୍ଷା ଆସି ଏଠି ।


ଅହଲ୍ୟା ନିବାସ, ପୋପରଡା
ନୂଆବଜାର, କଟକ ୪
ମୋ: ୯୪୩୭୮୩୪୭୧୯


## ତମ ପ୍ରଶ୍ନରେ ମୁଁ ନିରୁତ୍ତର

### ସୁନନ୍ଦା ମହାନ୍ତି

ପ୍ରଶ୍ନ ଥିଲା ସହଜ କିନ୍ତୁ ଉତ୍ତର କଷ୍ଟ
ପ୍ରଶ୍ନ ଥିଲା ମୌଖିକ କିନ୍ତୁ ଉତ୍ତର ଅସ୍ପଷ୍ଟ
ପ୍ରଶ୍ନ ଥିଲା ସାଧାରଣ ଉତ୍ତର କଷ୍ଟ
ପ୍ରଶ୍ନ ଥିଲା ବାସ୍ତବ ଉତ୍ତର ନିରୁଦ୍ଦିଷ୍ଟ
ପ୍ରଶ୍ନ ଗତାନୁଗତିକ ଉତ୍ତର ନୁହେଁ ନିର୍ଦ୍ଦିଷ୍ଟ
ପ୍ରଶ୍ନ ସମୁଚିତ ଉତ୍ତର ଅଭିଷ୍ଟ
ତୁମେ ପଚାରିବା ପୂର୍ବରୁ ଉତ୍ତର ଯଥେଷ୍ଟ
ତୁମେ ପରଦେଶୀ ମୋ ଉତ୍ତରେ କି ସନ୍ତୁଷ୍ଟ
ତୁମ ପ୍ରଶ୍ନ ସ୍ପଷ୍ଟ ମୋ ଉତ୍ତର କ୍ଲିଷ୍ଟ
ତୁମ ପ୍ରଶ୍ନ ଯେବେ କ୍ଲିଷ୍ଟ ମୋ ଉତ୍ତର ଇଷ୍ଟ
ପ୍ରଶ୍ନର ଯଥାର୍ଥତା ଥିଲା ଅନେକ
ତୁମେ ଗଲାପରେ ଉତ୍ତରଭାରେ ଭରା ସିନ୍ଦୁକ
ଗୋଲକରେ ପୁଲକ ମହକ ମାଣିକ
ପ୍ରଶ୍ନରେ ନା ଉତ୍ତରରେ ମୁଁ ନିରୁତ୍ତର
ତୁମେ ବିବେକ ଦଂଶନରେ ପଳାତକ
ମୁଁ ନିରୁତ୍ତର ରହିବା ଛଡା ଶବ୍ଦ ଅଭିଧାନତକ
ଗଣ୍ଠିଲି ବାନ୍ଧି ନିରୁତ୍ତର ରହିଛି ସେହିକାଳୁ
ତମେ କିନ୍ତୁ ପଚାରି ଚାଲିଛ ପ୍ରଶ୍ନ ଅନେକ
ସ୍ୱପ୍ନ ସୌଦାଗର ନୁହଁ ଅନୁରାଗର ବଣିକ
କେମିତି ଉତ୍ତର ରଖିଥାନ୍ତି ପ୍ରଶ୍ନ କରେ ବିବେକ
ତୁ ସମୁଦ୍ର ହେଲେ ସେ ପଳାତକ
ତା ତୃଷାରେ ତୃଷ୍ଣା ଭରା ତୋ ପାଇଁ ଅନେକ
ହେଲେ ଅନାହୁତ ପରିଚୟହୀନ ବଣିକ
ମାଗୁଛି ଉତ୍ତର ଦେବୁକି ରହିବୁ ନିରୁତ୍ତର
ଜାଗୃତିରେ ନା ସତରେ ସପନବଣିକ
ନା ବାହାନା କରୁଛି କହି ସପନ ବଣିକ !


ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭


## ଜୟ ହିନ୍ଦ୍

### ଧ୍ରୁବ ଚରଣ ବେହେରା

ଭାରତ ମାତାର ସୁରକ୍ଷା କବଚ
ପିନ୍ଧିଲି ମୁଁ ଯେଉଁ ଦିନୁ
ସେବା ଭକ୍ତିର ମୁଁ ସାଜିଲି ସନ୍ତାନ
ସାର୍ଥକୁ ତେଜିଲି ମନୁ ।

ମାଟି ମାଆ ପାଇଁ କାଶ୍ମୀର ସୀମାନ୍ତେ
ରାତି ଉଜାଗର ହୋଇ
କର୍ତ୍ତବ୍ୟର ସାଜି ରଣର ସାରଥି
ଭୁଲିଗଲୁ ଗ୍ରାମ ଭୂଇଁ ।

ତ୍ୟାଗର ସୁଯୋଗ୍ୟ ପୁତ୍ର ଟିଏ ହୋଇ
ଜଗିଥାଉ ଦେଶ ମାଟି
ବୀର ଭୋଗ୍ୟ ଏହି ବସୁନ୍ଧରା ମାଆ
ଆମେ ତା'ର ସୁନା ଭେଟି ।

ଭବ୍ୟ ଗଣତନ୍ତ୍ର ଶାନ୍ତି ଭାଇଚାରା
ଆମ ପାଇଁ ଶୋଭା ପାଏ
ଦେଶ ପାଇଁ ଯା'ର ସୁନ୍ଦର ଜନମ
ତା'ହା ଠାରୁ ବଡ କିଏ ।

ମିଶିଯାଉ ପଛେ ଏ ହାଡ ଶରୀର
ଏମାଟିର ତ୍ୟାଗ ପାଇଁ
ସୈନିକ ଜୀବନ ଲାଗୁଥାଏ ଧନ୍ୟ
ଧନ୍ୟ ମୋ ଭାରତ ଭୂଇଁ ।

ତା' କୋଳ ସମିର ତା' ନଦୀ ଝରଣା
ତା' ସବୁଜ ବଣ କ୍ଷେତ
ତା' ଆକାଶ କୋଳ ସୁ ଶାନ୍ତ ନର୍ମଳ
ଆମେ ତା'ର ସୁନା ସୁତ ।


ତ୍ରିରଙ୍ଗାର ତଳେ ମଥା ନଇଁ ଥାଉ
ନିତ୍ୟ ତା'ର ସେବା ଲାଗି
ପୁଣ୍ୟମୟ ସେହି ସକାଳ ସନ୍ଧ୍ୟାର
ଆମେ ତା'ର ଭକ୍ତ ଭୋଗି ।

କପାଳରେ ଯା'ର ବିହି ଲେଖି ଥାଏ
ତ୍ରିରଙ୍ଗାର ଯଶ ଗାନ
ନିତି ଶୁଭୁଥାଏ ତା' ମୁଖୁ ସଂଗୀତ
ଜୟ ଜନଗଣ ମନ ।


ସତ୍ୟର ପୂଜାରୀ ସାଧୁ ସେ ସୈନିକ
ଭକ୍ତି ତା'ର ଉପାସନା
ମାଟି ମାଆ ଲାଗି ତ୍ୟାଗ ବଳିଦାନେ
ସୀମାନ୍ତେ ଉଡାଏ ବାନା ।

ସାଧାରଣ ମୋର ଜୀବନ୍ତ ଭାବନା
ହୃଦେ ଥାଉ ସ୍ମୃତି ହୋଇ
ସୈନିକଙ୍କ ଲାଗି ହୃଦୟୁ ସାଲ୍ୟୁଟ୍
ଜୟ ହିନ୍ଦ୍ କରେ ଭାଇ ।


ଭାରତୀୟ ସାମରିକ ସେବା
ଅଠରବାଟିଆ,ବାଲୁଗାଁ, ଖୋର୍ଦ୍ଧା
ମୋ-୮୩୨୮୯୩୦୫୫୪




# ପତ୍ନୀ ଦୀପିକା ଓ କୁନି ପୁଅକୁ ନେଇ ଭଉଣୀ ସବାଙ୍କ ଘରେ ରହିବେ ସୋଏବ



କୁନି ରାଜକୁମାରଙ୍କୁ ଜନ୍ମ ଦେବା ପରେ ଅଭିନେତ୍ରୀ ଦୀପିକା କକ୍କର ଓ ତାଙ୍କ ସ୍ୱାମୀ ସୋଏବ ଇବ୍ରାହିମ୍ ଏବେ ଚର୍ଚ୍ଚାରେ ରହିଛନ୍ତି । ପରିବାର ସବୁ ଲୋକ ଏବେ କୁନି ଅତିଥି ଉପରେ ନିଜ ଭଲପାଇବା ଜାହିର କରିବାରେ ବ୍ୟସ୍ତ । ପିଉସୀ ବନିବା ପରେ ବେଶ୍ ଖୁସି ଅଛନ୍ତି ସୋଏବଙ୍କ ଭଉଣୀ ସବା । ସେ ତାଙ୍କର ଏକ ନୂଆ ବ୍ଲଗ୍‌ରେ ପ୍ରଶଂସକମାନଙ୍କ ସହ କୁନି ଅତିଥିଙ୍କ ଆସିବାକୁ ନେଇ ନିଜର ଖୁସି ପ୍ରକଟ କରିଛନ୍ତି । ସବା ଖୁସି ହୋଇ କହିଛନ୍ତି କି ଶେଷରେ ସେହିଦିନ ଆସିଗଲା, ଯେବେ ଭାଇ ମୋତେ ନିଜ ଆଡୁ କହିଛନ୍ତି ଯେ ସେ କିଛି ଦିନ ପୁଅକୁ ନେଇ ଆମ ଘରେ ରହିବେ । ସେ ଆହୁରି ବି କହିଛନ୍ତି ଯେ ଭାଇ ଓ ଭାଉଜଙ୍କ ଘରେ ଏବେ ରଂଗ କାମ ଚାଲିଛି । ସେଠାରୁ ବହୁତ କଡ଼ା ବାସ୍ନା ହେଉଥିବାରୁ ଛୁଆ ପାଇଁ ସେ ସ୍ଥାନ ଏବେ ଭଲ ନୁହେଁ । ସେଠି ଛିଡ଼ା ହେଲେ ଆଖିରେ ପାଣି ଆସିଯାଉଛି । ସେଥିପାଇଁ ଦୀପିକା ଓ ସୋଏବ ଏବେ ସବାଙ୍କ ଘରେ ରହିବାର ନିଷ୍ପତ୍ତି ନେଇଛନ୍ତି । ସବା କହିଛନ୍ତି କି ଯେବେ ପର୍ଯ୍ୟନ୍ତ ଘର କାମ ପୂରା ସରିନଯାଉଛି ତ ଦୀପିକା ଓ ସୋଏବ ତାଙ୍କ ସହ ରହିବେ । ଏକଥାକୁ ନେଇ ସେ ନିଜର ଖୁସି ପ୍ରକାଶ କରିଛନ୍ତି । ସେ ଆହୁରି ବି କହିଛନ୍ତି କି 'ମୁଁ ସବୁବେଳେ ଭାଇଭାଉଜଙ୍କୁ ଆମ ଘରେ ରହିବାକୁ କୁହେ । ଏପରିକି ମୁଁ ନଥିବା ବେଳେ ଚାବି ବି ଦେଇକିଯାଏ । ଯାହା ହଉ ଏତେ ଦିନ ପରେ ସେମାନେ ଆସୁଛନ୍ତି ।'



# ବାପା ହେବା ପରେ ଟିଭି ସୋ' 'ଅଜୁନି' ଛାଡ଼ିବେ ଦୀପିକାଙ୍କ ସ୍ୱାମୀ ସୋଏବ! ଉତ୍ତର ରଖିଲେ ଅଭିନେତା



ଲୋକପ୍ରିୟ ଟେଲିଭିଜନ ଅଭିନେତ୍ରୀ ଦୀପିକା କକ୍କର ଏବଂ ସୋଏବ ଇବ୍ରାହିମ ଶେଷରେ ନିଜ ଶିଶୁପୁତ୍ରକୁ ନେଇ ହସ୍ପିଟାଲ୍‌ରୁ ଘରକୁ ଫେରିଛନ୍ତି । ସେମାନେ ନିଜର ନବଜାତ ପିଲାକୁ ଧରି ଘରକୁ ଫେରିବା ପରେ ବନ୍ଧୁ, ପରିବାର ଏବଂ ପ୍ରଶଂସକଙ୍କ ତରଫରୁ ଅନେକ ଶୁଭେଚ୍ଛା ବାର୍ତ୍ତା ମିଳିଛି । ଜୁଲାଇ ୧୦ ତାରିଖରେ ଦୀପିକାଙ୍କୁ ଡାକ୍ତରଖାନାରୁ ଡିସଚାର୍ଜ କରାଯାଇଛି । ସୋଏବ ନିକଟରେ ତାଙ୍କ ସୋସିଆଲ ମିଡିଆ ପ୍ଲାଟଫର୍ମରେ ଏକ ପ୍ରଶ୍ନ-ଉତ୍ତର ଅଧିବେଶନ ରଖିଥଲେ । ଯେଉଁଠାରେ ତାଙ୍କ ପ୍ରଶଂସକମାନେ ପଚାରିଥିବା ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ ଅଭିନେତା । ଅଧିବେଶନ ସମୟରେ, ତାଙ୍କର ଜଣେ ପ୍ରଶଂସକ ତାଙ୍କୁ ବାପା ବନିବା ପରର ଅନୁଭୂତି ବିଷୟରେ ପଚାରିଥିଲେ । ସୋଏବ ଏହାର ଜବାବ ଦେଇ ବାପା ହେବା ପରେ କିପରି ରାତିରେ ଶୋଇପାରୁନାହାନ୍ତି ଓ ଏକ ଶିଶୁର କାନ୍ଦ ସ୍ୱର ଶୁଣି ଶୁଣି ଦିନ କଟୁଛି କହିଥିଲେ । କିଛି ପ୍ରଶଂସକ ତାଙ୍କ ପତ୍ନୀ ଦୀପିକାଙ୍କ ସ୍ୱାସ୍ଥ୍ୟ ବିଷୟରେ ମଧ ପଚାରିଥିଲେ । ଦୀପିକା ଏବେ ଭଲ ଥିବା ଅଭିନେତା ଉତ୍ତର ଦେଇଛନ୍ତି । ତେବେ ସେ ଓ ଦୀପିକା କେବେ ନିଜ ପୁଅ ସହିତ ସେମାନଙ୍କ ନୂଆ ଘରକୁ ଯିବେ ବୋଲି ପ୍ରଶ୍ନର ଉତ୍ତର ଦେଇ ଘର ସଂପୂର୍ଣ୍ଣ ହେଲେ ଯିବେ ବୋଲି କହିଥିଲେ ସୋଏବ । ଏହାରି ମଧରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରଶ୍ନ ବି ଦେଖିବାକୁ ମିଳିଥିଲା । ଜଣେ ପ୍ରଶଂସକ ସୋଏବଙ୍କୁ ପିତୃତ୍ୱ ଉପଭୋଗ କରିବାକୁ ଧାରାବାହିକ 'ଅଜୁନି' ଛାଡ଼ିବେ କି ବୋଲି ପ୍ରଶ୍ନ ପଚାରିଥିଲେ । ଯାହାର ଉତ୍ତରରେ ସୋଏବ କହିଛନ୍ତି କି ସେ ପୂର୍ବରୁ ସୋ' ଛାଡିବାକୁ ଚିନ୍ତା କରିଥିଲେ କିନ୍ତୁ ଏବେ ତାଙ୍କ ମତ ବଦଳିଯାଇଛି । ତେବେ ସୋଏବ ଏବେ ସୋ' ଛାଡ଼ିବେ ନାହିଁ ବୋଲି ସ୍ପଷ୍ଟ ହୋଇଛି ।

# ବଲିଉଡର୍ ହିଟ୍ ଯୋଡି ହେଲେ କାର୍ତ୍ତିକ-କିଆରା, ୧୦୦କୋଟି କ୍ଲବରେ ସାମିଲ୍ ହେଲା ସତ୍ୟପ୍ରେମ କି କଥା



ବଲିଉଡ ଅଭିନେତା କାର୍ତ୍ତିକ ଆରୟନ୍ ଏବଂ କିଆରା ଆଡଭାନୀଙ୍କ ଯୋଡି ଏବେ ହିଟ୍ ଯୋଡି ବୋଲି ପ୍ରମାଣିତ ହୋଇଛି । ପ୍ରଥମେ 'ଭୁଲ୍ ଭୁଲେୟା ୨' ଏବଂ ବର୍ତ୍ତମାନ 'ସତ୍ୟପ୍ରେମ କି କଥା' ବକ୍ସ ଅଫିସରେ ସୁପରହିଟ ହୋଇଛି । ଉଭୟ ଚଳଚ୍ଚିତ୍ରରେ ସେମାନଙ୍କର କେମେଷ୍ଟ୍ରିକୁ ଦର୍ଶକ ବହୁତ ପସନ୍ଦ କରୁଛନ୍ତି । ଜୁନ୍ ୨୯ରେ ମୁକ୍ତିଲାଭ କରିଥିବା ଏହି ଫିଲ୍ମ ଦୁଇ ସପ୍ତାହ ଧରି ବକ୍ସ ଅଫିସରେ ଭଲ ଆୟ କରିଆସୁଛି ଏବଂ ବର୍ତ୍ତମାନ ଫିଲ୍ମଟି ୧୦୦କୋଟି କ୍ଲବରେ ପ୍ରବେଶ କରିଛି । 'ସତ୍ୟପ୍ରେମ କି କଥା' କାର୍ତ୍ତିକଙ୍କର ଚଳିତ ବର୍ଷର ପ୍ରଥମ ହିଟ୍ ଫିଲ୍ମ ପାଲଟିଛି । 'ସତ୍ୟପ୍ରେମ କି କଥା' ଏବେ ସାରା ବିଶ୍ୱରେ ୧୦୦କୋଟି ଟଙ୍କାର ବ୍ୟବସାୟ କରିଛି । ସୋସିଆଲ ମିଡିଆରେ ପୋଷ୍ଟ ସେୟାର କରି କିଆରା ଏହି ସୂଚନା ଦେଇଛନ୍ତି । କିଆରା ଫିଲ୍ମର ଏକ ପୋଷ୍ଟର ସେୟାର କରିଛନ୍ତି ଯେଉଁଥିରେ ଲେଖା ଅଛି ଯେ ଏହି ଚଳଚ୍ଚିତ୍ର ସାରା ବିଶ୍ୱରେ ୧୦୦କୋଟି ସଂଗ୍ରହ କରିଛି । କିଆରା ଲେଖିଛନ୍ତି- 'ସତ୍ୟପ୍ରେମ କି କଥା'କୁ ଏତେ ଭଲପାଇବା ଦେଇଥିବାରୁ ଧନ୍ୟବାଦ । ପ୍ରଥମ ଦିନ ୯.୨୫କୋଟି ସଂଗ୍ରହ କରି 'ସତ୍ୟପ୍ରେମ କି କଥା' ଭଲ ଓପନିଂ କରିଥିଲା । ଶୁକ୍ରବାର ଅର୍ଥାତ୍ ଦ୍ୱିତୀୟ ଦିନରେ ୭କୋଟି ସଂଗ୍ରହ କରିବା ସହ ତୃତୀୟ ଦିନରେ ୧୦.୧୦କୋଟି ସଂଗ୍ରହ କରିଥିଲା । ରବିବାର ଏହାର ସଂଗ୍ରହ ୧୨.୧୫କୋଟି ହେବା ସହିତ ଫିଲ୍ମର ଆୟ ବୃଦ୍ଧି ପାଇବାକୁ ଲାଗିଥିଲା । ଫିଲ୍ମର କାହାଣୀ ଭଲ ଥିବାରୁ 'ସତ୍ୟପ୍ରେମ କି କଥା'କୁ ଏତେ ବଡ଼ ସଫଳତା ମିଳିଥିବା କୁହାଯାଉଛି ।



# ଯୁବ କବି ଓ ଗୀତିକାର ବିଚିତ୍ରା ନନ୍ଦ ଜେନା



ଓଡ଼ିଶାର ସଂଗୀତ, ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ଯେଉଁ ମାନେ ନିଜର କର୍ମ କରି ଠିକ ରାସ୍ତାରେ ଆଗେଇ ଚାଲିଛନ୍ତି ସେମାନଙ୍କ ମଧରେ ଯୁବ କବି ବିଚିତ୍ରା ନନ୍ଦ ଜେନା ଅନ୍ୟତମ । ୧୯୯୪ ମସିହାରେ ସେ ଭଦ୍ରକ ଜିଲ୍ଲାର ବନ୍ତ ନିକଟସ୍ଥ ସେଣ୍ଡତିରା ଗ୍ରାମରେ ଜନ୍ମଲାଭ କରନ୍ତି । ତାଙ୍କର ପିତା ଶ୍ରୀଧର ଜେନା ଓ ମାତା ଜୟନ୍ତୀ ଜେନା । ଶିକ୍ଷାଗତ ଯୋଗ୍ୟତା ବି ଏସ ସି, ଏମ ବିଏ । ଶ୍ରୀ ଜେନାଙ୍କର ଦୁଇଟି ପୁସ୍ତକ ପ୍ରକାଶ ପାଇଛି ଯଥା ଗଳ୍ପ ପୁସ୍ତକ ବିବର୍ଣ୍ଣ ପଳାସ ଓ କବିତା ପୁସ୍ତକ ମାଟି ମଳାଟ । ସ୍କୁଲରେ ସେ ପାଠ ପଢୁଥିବା ସମୟରେ ଶହୀଦ ବାଜି ରାଉତ, ରେବତୀ, ଶିଶୁ ଶ୍ରମିକ ପ୍ରଭୃତି ନାଟକ ରେ ଅଭିନୟ କରି ଉଚ୍ଚ ପ୍ରଶଂସିତ ହୋଇଥିଲେ । ବିଭିନ୍ନ ପ୍ରକାର କୃତିତ୍ୱ ଓ ସଫଳତା ପାଇଁ ଶ୍ରୀ ଜେନା ସାହିତ୍ୟ ଓ କଳା ସଂସ୍କୃତି କ୍ଷେତ୍ରରେ ଟାଇମ ପାସ ଉଦୟ ରାଗ ସମ୍ମାନ, ଓଷ୍ଟା ପକ୍ଷରୁ ଶିଶୁ କବି ସମ୍ମାନ, ଶିବ ନାରାୟଣ ସାହିତ୍ୟ ସଂସଦ ସମ୍ମାନ, ଜାତୀୟ କବି ଲେଖକ ସଂଗଠନ ସମ୍ମାନ ରକ୍ତତୀର୍ଥ ଇରମ ପ୍ରଭୃତି ଲାଭ କରିଛନ୍ତି । ବିଭିନ୍ନ ସାହିତ୍ୟ ସଭାରେ ସେ ଖୁବ ସୁନ୍ଦର କବିତା ପାଠ କରି ସମସ୍ତଙ୍କୁ ମନ୍ତ୍ର ମୁଗ୍ଧ କରିଥାନ୍ତି । ନିଜେ ଗ୍ରାମାଞ୍ଚଳ ରେ ସେଣ୍ଡ ତିରା ରେ ସଂସ୍କାର ନାମରେ ଏକ ସାହିତ୍ୟ ଅନୁଷ୍ଠାନ ଗଠନ କରିଛନ୍ତି ଓ ବାର୍ଷିକ ଉତ୍ସବ ପାଳନ କରି ଯୁବ କବି ଓ ଲେଖକ ମାନଙ୍କୁ ଏକତ୍ର କରି ସମ୍ବର୍ଦ୍ଧିତ କରିବା ସହିତ ନିଆରା ଷ୍ଟାଇଲ ରେ କାର୍ଯ୍ୟକ୍ରମ ସମ୍ପାଦନ କରୁଛନ୍ତି । ଈଶ୍ୱରଙ୍କ କୃପାରୁ ଯୁବ କବି ଓ ଗୀତିକାର ଶ୍ରୀ ଜେନା ଙ୍କ ଆଶା ଓ ସ୍ୱପ୍ନ ସାର୍ଥକ ହେଉ । ତାଙ୍କର ଭବିଷ୍ୟତର ଚଲାପଥରେ ପୁଷ୍ପ ବୃଷ୍ଟି ହେଉ ।

**ଉପସ୍ଥାପନା : ପ୍ରଦୀପ୍ତ ମହାନ୍ତି**
ସମ୍ପାଦକ ରଙ୍ଗରାଗ, ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋ: ୭୦୦୮୬୪୧୮୫୨, ୯୯୩୭୯୭୬୩୫୧



# ସମ୍ପର୍କ ଥିବା ସ୍ପଷ୍ଟ ହେଲା: ପରସ୍ପରକୁ ଆଲିଙ୍ଗନ କରି ସମୟ ବିତାଉଥିବାର ନଜର ଆସିଲେ ଆଦିତ୍ୟ-ଅନନ୍ୟା

ଗତ କିଛି ଦିନ ହେବ ବଲିଉଡ ଅଭିନେତା ଆଦିତ୍ୟ ରୟ କାପୁର ଏବଂ ଅଭିନେତ୍ରୀ ଅନନ୍ୟା ପାଣ୍ଡେଙ୍କ ମଧରେ ପ୍ରେମ ସମ୍ପର୍କ ଥିବା ନେଇ ଚର୍ଚ୍ଚା ହୋଇଆସୁଛି । କିଛି ମାସ ହେବ ଏହି ଚର୍ଚ୍ଚା ହେଉଥିଲେ ବି ଦୁହେଁ ଏହା ଉପରେ କୌଣସି ପ୍ରତିକ୍ରିୟା ରଖିନଥିଲେ । ହେଲେ ଏବେ ଦୁହିଁଙ୍କ ଫଟୋ ସବୁ ପ୍ରମାଣ କରିଦେଇଛି । ଦୁହେଁ ଏବେ ସ୍ପେନରେ ଥିବା ବେଳେ ପରସ୍ପରର ସହ ବିଶେଷ ମୂହୁର୍ତ୍ତ ବିତାଉଥିବାର ଫଟୋ ସାମ୍ନାକୁ ଆସିଛି । ଏହି ପ୍ରେମୀଯୁଗଳଙ୍କର ସୁନ୍ଦର ଫଟୋ ଏବେ ମିଡିଆ ଫ୍ୟାଶନ ଫଟୋଗ୍ରାଫର ମାନବ ମଙ୍ଗଲାନି ତାଙ୍କ ଇନଷ୍ଟାଗ୍ରାମ ପେଜରେ ସେୟାର କରିଛନ୍ତି । ଫଟୋରେ ଅନନ୍ୟା ଓ ଆଦିତ୍ୟ ଏକ ବ୍ରିଜ୍ ଉପରେ ଠିଆ ହୋଇ ପରସ୍ପରକୁ ଆଲିଙ୍ଗନ କରୁଛନ୍ତି । ଫଟୋ ସେୟାର କରି ମାନବ ଲେଖିଛନ୍ତି- 'ବ୍ରାଣ୍ଡ୍ ନ୍ୟୁ ଦମ୍ପତି ଆଲର୍ଟ । ଆଦିତ୍ୟ ରୟ କାପୁର ଏବଂ ଅନନ୍ୟା ପାଣ୍ଡେ ଲିସବନରେ ପରସ୍ପର ସହ ସମୟ ବିତାଉଛନ୍ତି ।' ଫଟୋରେ ଅଭିନେତା ନୀଳ ଟି-ସାର୍ଟ ସହିତ କଳା ପ୍ୟାଣ୍ଟ ପିନ୍ଧିଥିବା ବେଳେ ଅନନ୍ୟା ନୀଳ ରଙ୍ଗର ପୋଷାକ ପିନ୍ଧିଥିବା ଦେଖାଯାଇଛି । ଉଭୟ ସ୍ପେନରେ ଏକ କନସର୍ଟ ସାଙ୍ଗ ହୋଇ ଦେଖିବା ସହ ଏବେ ପରସ୍ପରର ହାତ ଧରି ଲିସବନର ରାସ୍ତାରେ ବୁଲୁଥିବା ଦେଖିବାକୁ ମିଳିଛି ।

# ଟ୍ରାଫିକ ନିୟମ ଭାଙ୍ଗି ତଣ୍ଡ ଗଣିଲେ ବିଜୟ



ରାଜନୀତିରେ ପ୍ରବେଶ କରିବାର ଚର୍ଚ୍ଚା ମଧରେ ସୁପରଷ୍ଟାର ଥଲପତି ବିଜୟଙ୍କ ଉପରେ ଲାଗିଲା ଜରିମାନା । ଗୋଟିଏ ଦିନରେ ଦୁଇରୁ ଅଧିକ ଥର ଟ୍ରାଫିକ ନିୟମ ଭାଙ୍ଗିଥିବାରୁ ତାଙ୍କ ଉପରେ ଟ୍ରାଫିକ ପୁଲିସ ଜରିମାନା ଲଗାଇଥିବା ଜଣାପଡ଼ିଛି । କୁହାଯାଉଛି ଯେ, ସୁପରଷ୍ଟାର ଥଲପତି ବିଜୟ ଜୁଲାଇ ୧୧ରେ ବିଜୟ ମକ୍କଲ ଅୟକକମ୍ (ଭିଏମଆଇ) ର ସଦସ୍ୟଙ୍କୁ ଭେଟିଥିଲେ । ଏହା ପରେ ସେ ରାଜନୀତିରେ ଯୋଗ ଦେଇପାରନ୍ତି ବୋଲି ଚର୍ଚ୍ଚା ହୋଇଥିଲା । ପନିୟୁରରେ ଭିଏମଆଇ ସଦସ୍ୟଙ୍କୁ ଭେଟି ଘରକୁ ଫେରୁଥିବାବେଳେ ଅଭିନେତା ଟ୍ରାଫିକ ନିୟମ ଭାଙ୍ଗିବା ଏବଂ ଦୁଇଟିରୁ ଅଧିକ ସ୍ଥାନରେ ରେଡ୍ ସିଗନାଲ ଡେଇଁଥିବା ଜଣାପଡ଼ିଛି । କୁହାଯାଉଛି ଯେ ପ୍ରଶଂସକମାନେ ଥଲପତି ବିଜୟଙ୍କ ପିଛା କରୁଥିବାରୁ ବିଜୟ ବାଧ ହୋଇ ରେଡ୍ ଲାଇଟ୍ ସିଗନାଲ୍ ଡେଇଁଥିଲେ । ଅଭିନେତାଙ୍କ ପ୍ରଶଂସକମାନେ ତାଙ୍କୁ ପନିୟୁରରୁ ନୀଲାଙ୍ଗରାୟସ୍ଥିତ ତାଙ୍କ ଘର ପର୍ଯ୍ୟନ୍ତ ଅନୁସରଣ କରିଥିଲେ ଏବଂ ଏଥିରୁ ରକ୍ଷା ପାଇବା ପାଇଁ ବିଜୟ ଏବଂ ତାଙ୍କ ଡ୍ରାଇଭର ଟ୍ରାଫିକ୍ ନିୟମକୁ ଭାଙ୍ଗିଥିଲେ । ଏଭଳି ଟ୍ରାଫିକ ନିୟମ ଉଲଂଘନ କରିଥିବାରୁ ଥଲପତି ବିଜୟଙ୍କ ଉପରେ ୫୦୦ଟଙ୍କା ଜରିମାନା ଲଗାଯାଇଛି । ଏହି ସମୟରେ ଅଭିନେତାଙ୍କ କାର ଏବଂ ଚାଲାନର କିଛି ଫଟୋ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି ।

# ଚାରା ଲଗାଇବାକୁ ଆଗ୍ରହ ବଢୁଛି : ରାଜଧାନୀରେ ଜାଗା ଅଭାବ



ଚନ୍ଦ୍ରଶେଖରପୁର, ୧୩/୦୭ (ନି.ପ୍ର): ବୃକ୍ଷରୋପଣ ପାଇଁ ଉତ୍ସାହ ବୃଦ୍ଧିପାଉଥିବା ପରିଲକ୍ଷିତ ହେଉଛି । ପରିବେଶ ଉପଯୋଗୀ ଚାରା ପୋତିବା ସହ ତାହାର ଯତ୍ନ ନେବା ପାଇଁ ସହରବାସୀ ଆଗ୍ରହ ଦେଖାଉଛନ୍ତି । ମାତ୍ର ଗଛ ପୋତିବାକୁ ଜାଗା ନାହିଁ । 'ୱାନ୍ ମ୍ୟାନ୍, ୱାନ୍ ଟ୍ରି' ସ୍ଲୋଗାନ୍ ଦିଆଯାଉଥିବା ବେଳେ ସହରରେ ସ୍ଥାନ ଅଭାବ ହେତୁ ଚାରା ପୋତିବାରେ ସମସ୍ୟା ସୃଷ୍ଟି ହେଲାଣି । ଓରସାକ୍ ଦ୍ୱାରା ପରିଚାଳିତ ଓଡ଼ିଶା ବନ ପରିଚାଳନା ବ୍ୟବସ୍ଥା (ଓଏଫ୍ଏମ୍ଏସ୍)ରୁ ସଂଗୃହୀତ ତଥ୍ୟ ଅନୁଯାୟୀ, ବନ ମହୋତ୍ସବ ପାଳନ ଅବସରରେ ଜୁଲାଇ ୧ରୁ ୧୦ ମଧ୍ୟରେ ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନ୍ ଅଧୀନରେ ୧୪ଟି କାର୍ଯ୍ୟକ୍ରମ କରାଯାଇ ୧୧୨୦ ଚାରା ରୋପଣ ହୋଇଛି । ଏହି କାର୍ଯ୍ୟକ୍ରମଗୁଡ଼ିକରେ ୨୦୪୨ଜଣ ବୃକ୍ଷପ୍ରେମୀ ଅଂଶଗ୍ରହଣ କରିଛନ୍ତି । ଅର୍ଥାତ୍ ଗୋଟିଏ ଚାରା ଲଗାଇବାକୁ ପ୍ରାୟ ଦୁଇଜଣ ବୃକ୍ଷପ୍ରେମୀ ଆଗେଇ ଆସିଛନ୍ତି । ଭୁବନେଶ୍ୱର ସର୍କଲ କଥା ଯଦି ଦେଖିବା ବନ ମହୋତ୍ସବ ପାଳନ ଅବସରରେ ଏବେ ସୁଦ୍ଧା ୩୨୦ଟି କାର୍ଯ୍ୟକ୍ରମ କରାଯାଇଛି । ଯେଉଁଥିରେ ୨୪ ହଜାର ୬୮୨ଜଣ ବୃକ୍ଷପ୍ରେମୀ ଅଂଶଗ୍ରହଣ କରି ୮୭ହଜାର ୪୫୫ଟି ଚାରାରୋପଣ କରିଛନ୍ତି । ଚନ୍ଦକା ବନ୍ୟପ୍ରାଣୀ ଡିଭିଜନ୍‌ରେ ୨୧ଟି ସଭା କରାଯାଇ ୩୨ ହଜାର ୧୮୫ ଗଛ ଲଗାଯାଇଛି । ଯେତେବେଳେ କି ନୟାଗଡ଼ ବନ୍ୟପ୍ରାଣୀ ଡିଭିଜନ୍‌ରେ ୮୫ଟି କାର୍ଯ୍ୟକ୍ରମ କରାଯାଇ ୨୦ ହଜାର ୯୨୯, ଖୋର୍ଦ୍ଧା ଡିଭିଜନ୍‌ରେ ୪୦ଟି କାର୍ଯ୍ୟକ୍ରମରେ ୧୮ ହଜାର ୭୪୬, ରାଜନଗର ବନଖଣ୍ଡରେ ୩୫ଟି କାର୍ଯ୍ୟକ୍ରମରେ ୪୭୨୨, ପୁରୀ ବନ୍ୟପ୍ରଣୀ ବନଖଣ୍ଡରେ ୫୯ଟି କାର୍ଯ୍ୟକ୍ରମରେ ୫୦୯୫, ଚିଲିକା ବନ୍ୟପ୍ରାଣୀ ଡିଭିଜନ୍‌ରେ ୩୫ଟି ସଭାରେ ୨୬୧୩, ଭଦ୍ରକ ବନଖଣ୍ଡରେ ୩୧ଟି କାର୍ଯ୍ୟକ୍ରମରେ ୨୦୪୫ଟି ଚାରା ଲାଗିଛି ।

ବନ ବିଭାଗର ଜଣେ ଅଧିକାରୀଙ୍କ କହିବାନୁଯାୟୀ, ବର୍ଷା ଋତୁ ଆରମ୍ଭ ହୋଇଯାଇଥିବାରୁ ଚାରାରୋପଣ କରିବାକୁ ବିଭିନ୍ନ ସଙ୍ଗଠନ ଆଗ୍ରହ ପ୍ରକାଶ କରୁଛନ୍ତି । ଜୁଲାଇ ୧ରୁ ୧୦ ତାରିଖ ମଧ୍ୟରେ ରାଜ୍ୟର ୩୯୯୯ଟି ସ୍ଥାନରେ ମହୋତ୍ସବ ପାଳିତ ହୋଇଛି । ଯେଉଁଥିରେ ୪ ଲକ୍ଷ ୮୫ହଜାର ୯୧୧ଜଣ ବୃକ୍ଷପ୍ରେମୀ ଅଂଶଗ୍ରହଣ କରିଛନ୍ତି । ଏବେ ସୁଦ୍ଧା ୨୦ ଲକ୍ଷ ୬୧ହଜାର ୩୭୫ଟି ଗଛ ଲଗାଯାଇଛି । ଆଜି ମଧ୍ୟାହ୍ନ ସୁଦ୍ଧା ରାଜ୍ୟର ୮ଟି ସ୍ଥାନରେ ୯୩୯ ବୃକ୍ଷପ୍ରେମୀ ଭାଗନେଇ ୧୩୭୦ ଗଛ ଲଗାଇଛନ୍ତି । ବିଭିନ୍ନ ସଙ୍ଗଠନ ପକ୍ଷରୁ ଆସୁଥିବା ଅନୁରୋଧକ୍ରମେ ଆମେ ଆବଶ୍ୟକ ଚାରା ଯୋଗାଇ ଦେଉଛୁ । ତେବେ ଭୁବନେଶ୍ୱର ସିଟି ଫରେଷ୍ଟ ଡିଭିଜନ୍ ଅଧୀନରେ ଏବେ ଜାଗା ସମସ୍ୟା ଦେଖାଦେଇଛି । ଖୋଲା ପଡ଼ିଆ ମିଳୁନି କି ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ ହୋଇପାରୁନି ।

ଏପଟେ ପରିବେଶ ସହିତ ଯୋଡ଼ି ହୋଇଥିବା କିଛି ସଂସ୍ଥାଙ୍କର କହିବା କଥା, ବିଏମ୍‌ସି ଓ ଓଏଫ୍‌ଡିସି ପକ୍ଷରୁ ସହରର ବିଭିନ୍ନ ରାସ୍ତାପାର୍ଶ୍ୱ ଓ ଡିଭାଇଡରରେ ବିଭିନ୍ନ ପ୍ରଜାତିର ବୃକ୍ଷରୋପଣ ହୋଇସାରିଛି । ସହରର ବିକାଶ ପାଇଁ ବିଭିନ୍ନ ସ୍ଥାନରେ ଗଛ କଟାଯାଉଛି । ଯେଉଁଠି ବି ଆଜି ବୃକ୍ଷରୋପଣ ହେବ ବର୍ଷେ କି ଦୁଇ ବର୍ଷ ପରେ ବିକାଶମୂଳକ କାର୍ଯ୍ୟ ପାଇଁ ତାହାକୁ କାଟିବାକୁ ପଡ଼ିବ । ଗଛ ଲଗାଇବା ଦ୍ୱାରା ତାହାର କୌଣସି ଲାଭ ହେବ ନାହିଁ । ତେଣୁ ଯେଉଁମାନେ ବି ଗଛ ଲଗାଉଛନ୍ତି, ସେମାନେ ଉପଯୁକ୍ତ ସ୍ଥାନ ଚିହ୍ନଟ କରି ଚାରା ଲଗାନ୍ତୁ ।

# ଭେଷଜ ନିରୀକ୍ଷକ ଅଫିସରେ ବିକଳ ଚିତ୍ର : ସହରରେ ନକଲି, ବେନାମୀ ମେଡିସିନ ହାଉଜାଉ

ରାଉରକେଲା, ୧୩/୦୭ (ନି.ପ୍ର): ମଣିଷର ଦେହ ଖରାପ ହେଲେ ସେ ଡାକ୍ତରଙ୍କ ପାଖକୁ ଯିବ, ଡାକ୍ତର ଲେଖୁଥିବା ମେଡିସିନକୁ ରୋଗୀ ମେଡିସିନ ଦୋକାନରୁ ନେବ, ହେଲେ ସେ ନେଉଥିବା ମେଡିସିନ କେତେ ଠିକ କେତେ ଭୁଲ ତାକୁ ଜାଣିବାଲାଗି ରୋଗୀ ପାଖରେ ବାଟ ପ୍ରାୟ ନଥାଏ । ଏହି ସବୁ ସମସ୍ୟାର ସମାଧାନ ଲାଗି ସରକାର ରଖିଛନ୍ତି ଭେଷଜ ବିଭାଗ, ଏଠାରେ ଅନେକ ଅଧିକାରୀ ଏହି ବିଭାଗ ଲାଗି କାମ କରନ୍ତି ଓ ନିୟମ ଅନୁଶାରେ ମେଡିସିନ ଦୋକାନୀ । ଡାକ୍ତରଖାନା ଚାଲିଛନ୍ତି କି ନାହିଁ କଂପାନୀ ଗୁଡିକ ବଜାରକୁ ପଠାଉଥିବା ମେଡିସିନ ଗୁଡିରେ ମାନ ଠିକ ଅଛି କି ନାହିଁ ଲୋକେ ନେଉଥିବା ମେଡିସିନ ଗୁଡିକର ବିଲ ଦିଆଯାଉଛି କି ନାହିଁ ତାହାର ଯାଂଚ କରିବା ଲାଗି ପ୍ରତି ସହରରେ ଭେଷଜନୀରୀକ୍ଷକ ମାନଙ୍କୁ ନିଯୁକ୍ତ କରାଯାଇଛି । ହେଲେ ରାଉରକେଲା ଭଳି ସହରରେ ଏହି ନିରୀକ୍ଷକ ଙ୍କ ଅଫିସ ସେକ୍ଟର ୬ ରେ ଥିବା ବେଳେ ଆଜି ସେ ଅଫିସରେ ସବୁ ଚେୟାର ଖାଲି ପଡିଥିବା ବେଳେ, ଜଣେ ଠିକା କର୍ମଚାରୀ ଅଫିସ କୁ ଜଗି ରହିଥିବା ଦେଖାଯାଇଥିଲା, ଭେଷଜ ନୀରିକ୍ଷକ ଫିଲ୍ଡରେ ବୋଲି ସେ ସୁଚନା ଦେଇଥିଲେ, ହେଲେ ତାଙ୍କ ମୋବାଇଲ ସୁଇଚ ଅଫ ଥିବା ଜଣାପଡିଥିଲା ।ମେଡିସିନ ଭଳି ଅତି ଗୁରୁତ୍ୱ ପୂର୍ଣ ସାମଗ୍ରୀ କୁ କିଣା ବିକା କରୁଥିବା ଓ ପରିଚାଳନା କରୁଥିବାସଂସ୍ଥା କୁ ଦେଖିବା ଲାଗିଥିବା ବିଭାଗର ରାଉରକେଲା ଅଫିସର ଯଦି ଏଭଳି ଚିତ୍ର ତାହା ହେଲେ ଲୋକେ ଭରଷା କରିବେ କାହାକୁ ବୋଲି ପ୍ରଶ୍ନ ହେବା ସ୍ୱଭାବିକ କଥା । ତେବେ ଏହି ଅଫିସ ଆଗରୁ ପୁରା ଜିଲ୍ଲା ସମ୍ଭାଳୁଥିବା ବେଳେ ଏବେ ରାଜଗାଂଗପୁର ସୁନ୍ଦରଗଡ କୁ ଅଲାଗା କରି ଅନ୍ୟ ଜଣେ ଡିଆଇ ଙ୍କୁ ସରକାର ନିଯୁକ୍ତି ଦେଇଛନ୍ତି । ତେବେ ରାଉରକେଲା ଅଫିସରେ ମୁଖ୍ୟ କିରାଣୀ , କିରାଣୀ ପିଅନ ପଦବୀ ଠିକା ରେ ଚାଲିଥିବା ବେଳେ କେବଳ ନିତମିତ ଭାବେ ଜଣେ ଡିଆଇ ରହିଛନ୍ତି । ସରକାର କର୍ମଚାରୀ ଦେଇ ପାରୁନଥିବା ବେଳେ ରାଉରକେଲାରେ ପୁଣି ଜଣେ ଏଡିସି ଅଫିସ ଖୋଲିବାକୁ ଯାଉଥିବା ଖବର ମିଳିଛି । ସରକାର ବିନା ନିୟମିତ କର୍ମଚାରୀ ରେ ଏହି ବିଭାଗର ଅଫିସ ସଂଖ୍ୟା ବଢାଇ ଚାଲିଥିବା ବେଳେ ରାଉରକେଲା ସହରରେ ବର୍ତମାନ ନକଲି , ବେନାମୀ ମେଡିସିନ ହାଉଯାଉ ହେବାରେ ଲାଗିଛି । ବିଶେଷ କରି ଜ୍ୱର ,ଥଣ୍ଡା, କାଶ,ଗ୍ୟାସ ଭଳି ରୋଗର ଉପଚାର ଲାଗି ମେଡିସିନ ଯାଗାରେ ସହରର ଦୋକାନୀ ମାନେ ବେନାମୀ , ନକଲି ମେଡିସନ ଗୁଡିକ ବିକିଚାଲିଛନ୍ତି । ଏହି ସବୁ ରୋଗ ଲାଗି ମେଡିସିନ ଡାକ୍ତର ଲେଖୁଥିବା ବେଳେ ସେହି ମେଡିସିନ ର ସବଷ୍ଟିଚ୍ୟୁଟ ମେଡିସନ ବୋଲି ଦର୍ଶାଇ ବିନା ବିଲରେ ରୋଗୀ ମାନଙ୍କୁ ଏହି ନକଲି ବେନାମୀ ମେଡିସିନ ଗିଡିକ ବିକା ଚାଲିଛି । ବର୍ତମାନ ବର୍ଷା ଋତୁ ସହ ପାଗ ବଦଳିବା ଓ ଋତୁ ପରିବର୍ତନର ସମୟ, ତେଣୁ ଏଭଳି ରୋଗ ବଢିଚାଲିଥିବା ବେଳେ ଏହିଭଳି ନକଲି ,ବେନାମୀ ମେଡିସିନ ବେପାର ଆଖିବୁଜା ଚାଲିଛି । ଉଦାହରଣ ସ୍ୱରୁପ ଯଦି ଗ୍ୟାସ ଲାଗି ପେଟଂପ ଡିଏସଆର ଲେଖା ଯାଇଛି ରୋଗୀକୁ ଦିଆଯାଉଛି ପେଟଂକ ଡିଏସଆର । ଖାଲି ଏହି ମେଡିସିନ କିମ୍ବା ଏହି ରୋଗ ନୁହେଁ ଅନେକ ନାମୀ ଦାମୀ କଂପାନୀର ଆଂଟିବାୟୋଟିକ ଡାକ୍ତର ମାନେ ଲେଖିଲେ ବି ସେ ସବୁ ମେଡିସିନ ବଦଳରେ ଅନେକ ବେନାମୀ ଆଂଟିବାୟୋଟିକ ରୋଗୀ ମାନଙ୍କୁ ଚଢା ଦରରେ ବିକା ଚାଲିଛି ।

# କନ୍ଧମାଳ ଜିଲ୍ଲା ଗସ୍ତରେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗ ପ୍ରମୁଖ ଉପଦେଷ୍ଟା

କନ୍ଧମାଳ , ୧୩/୦୭ (ନି.ପ୍ର) : ରାଜ୍ୟ ସୂଚନା ଓ ପ୍ରଯୁକ୍ତିବିଦ୍ୟା ବିଭାଗର ପ୍ରମୁଖ ଉପଦେଷ୍ଟା ଅନୁଭବ ପଟ୍ଟନାୟକ ଙ୍କ ଦୁଇ ଦିନ କନ୍ଧମାଳ ଜିଲ୍ଲା ଗସ୍ତରେ ଆସିଥିଲେ ଫୁଲବାଣୀ ବିଡିଓ ପ୍ରବୀଣ କୁମାର ବାଣୁଆ ଙ୍କ ସହ ଆଲୋଚନା କରିଥିଲେ । କନ୍ଧମାଳ ଜିଲ୍ଲା ର ଡିଆଇ ଜିଏମ ରିତାଶ୍ରୀ ବାରିକ, ଜିଲ୍ଲା ର ମୋ ସେବା କେନ୍ଦ୍ର ପରିଚାଳନା ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲା ର ବରିଷ୍ଠ ଅଧିକାରୀ ମାନଙ୍କ ସହ ଖଜୁରୀପଡା, ଗଞ୍ଜୁଗୁଡା, ବିଶିପଡା, ମିଣିଆ, ଚକାପାଦ, ଜିଲ୍ଲା ର ଫୁଲବାଣୀ, ଟିକାବାଲି, ଖଜୁରି ପଡା, ବ୍ଲକ ଏବଂ ପଂଚାୟତ କାର୍ଯ୍ୟାୟଳ ପରିଦର୍ଶନ କରିବା ସହ ପଂଚାୟତ ରେ ଚାଲିଥିବା ମୋ ସେବା କେନ୍ଦ୍ର ପରିଦର୍ଶନ କରିଥିଲେ । ସେବା କେନ୍ଦ୍ର ରେ କିପରି ଜନସାଧାରଣ ଉପକୃତ ହୋଇପାରିବେ ତା ଉପରେ ଆଲୋଚନା କରିଥିଲେ । ଜିଲ୍ଲା ରେ ହୋଇଥିବା ୫ ଟି ସ୍କୁଲ ଗୁଡିକୁ ପରିଦର୍ଶନ କରିଥିଲେ, ୫ ଟି ସ୍କୁଲ ଗୁଡିକ କିପରି ଅନଲାଇନ ବ୍ୟବସ୍ଥା ହୋଇପାରିବ, ସ୍ମାର୍ଟ ଶ୍ରେଣୀଗୃହ ଚାଲିପାରିବ ତାହା ବିଷୟରେ ଅନୁଧ୍ୟାନ କରିଥିଲେ ।

## ରଥଯାତ୍ରାରେ ନିୟୋଜିତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା

ପୁରୀ , ୧୩/୦୭ (ନି.ପ୍ର):ଚଳିତ ରଥଯାତ୍ରାରେ ସଫେଇ କର୍ମଚାରୀଙ୍କ ଅବଦାନ ବେଶ ଗୁରୁତ୍ୱପୂର୍ଣ୍ଣ ରହିଥିଲା । ସେମାନଙ୍କ ଅକ୍ଲାନ୍ତ ପରିଶ୍ରମ ଓ ମହାପ୍ରଭୁଙ୍କ ପ୍ରତି ସେମାନଙ୍କ ସେବାକୁ ସମ୍ମାନ ଜଣାଇ ପୁରୀ ପୌରପାଳିକା ପକ୍ଷରୁ ସେମାନଙ୍କ ଉଦ୍ଦେଶ୍ୟ ରେ ଏକ ବଡାଖାନା ଆୟୋଜନ ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଟାଉନ ହଲ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ କୈଳାସ ଚନ୍ଦ୍ର ନାୟକ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ମହାପାତ୍ର, ଅତିରିକ୍ତ ପୌର ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ଜିଲ୍ଲା କ୍ରିଡା ଅଧିକାରୀ ଚନ୍ଦନ ସାହୁ ଓ ପୌର ସ୍ୱାସ୍ଥ୍ୟ ଅଧିକାରୀ ଅଶୋକ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ପୌରପାଳିକା ର ୮ଟି କ୍ଲଷ୍ଟର ଏବଂ ଜାଗୃତିର ସଫେଇ କର୍ମଚାରୀ ଙ୍କ କାର୍ଯ୍ୟ ର ପ୍ରଶଂସା କରିବା ସହ ସେମାନଙ୍କୁ ମେମେଣ୍ଟୋ, ସାର୍ଟିଫିକେଟ, ସଫେଇ କିଟ୍ସ, ଫାଷ୍ଟଏଡ ବକ୍ସ ଓ ଅନ୍ୟାନ୍ୟ ସାମଗ୍ରୀ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

# କନ୍ଧମାଳ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକ ପତ୍ର

କନ୍ଧମାଳ , ୧୩/୦୭ (ନି.ପ୍ର): ଦେଶରେ ହୁ ହୁ ହୋଇ ବଢୁଥିବା ଜନସଂଖ୍ୟା ଦେଶ ବିକାଶର ପ୍ରଧାନ ପ୍ରତିବନ୍ଧକ । ଜନସଂଖ୍ୟା ନିୟନ୍ତ୍ରଣ ପାଇଁ ସବୁ ନାଗରିକଙ୍କ ନିମନ୍ତେ ସମାନ ଆଇନ ପ୍ରଣୟନ ସହ ଜାତି , ବର୍ଣ୍ଣ, ଧର୍ମ ନିର୍ବିଶେଷରେ ସବୁ ନାଗରିକଙ୍କ ନିମନ୍ତେ ଦୁଇ ସନ୍ତାନ ଆଇନ ଲାଗୁ କରିବା ପାଇଁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କନ୍ଧମାଳ ଜିଲା ଡେପୁଟି କଲେକ୍ଟର ଡି ମାଲେଶ୍ୱର ପାତ୍ରଙ୍କ ଜରିଆରେ ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଆମ ଦେଶର ଏତେ ବଡ ଜନସଂଖ୍ୟାକୁ ଖାଦ୍ୟଶସ୍ୟ, ଫଳ, ପନିପରିବା, ଦୁଗ୍ଧ, ବିଜୁଳି, ପାଣି, ଇନ୍ଧନ, ସ୍ୱାସ୍ଥ୍ୟ,ଶିକ୍ଷା ,ନିଯୁକ୍ତି, ଅମ୍ଳଜାନ ଘରଡିହ ଇତ୍ୟାଦି ଅତ୍ୟାବଶ୍ୟକୀୟ ଜିନିଷ ଯୋଗାଇବା ସମ୍ପୂର୍ଣ୍ଣ ଅସମ୍ଭବ ହୋଇପଡିଲାଣି । ଜନସଂଖ୍ୟାର ଅହେତୁକ ବୃଦ୍ଧି ଯୋଗୁ ଆମ ଦେଶରେ କୁପୋଷଣ,ଅନାହାର ବୃଦ୍ଧି ପାଇବା ସାଙ୍ଗକୁ ବେକାରୀ ବୃଦ୍ଧି ପାଉଛି । ଅହେତୁକ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଦେଶରେ ଚାଷଜମି ଓ ଜଙ୍ଗଲ ଜମି ଦ୍ରୁତ ଗତିରେ କମି ଚାଲିଛି ।ଯାହାର ପ୍ରଭାବରେ ଆଗାମୀ ଦିନରେ ଦେଶରେ ଖାଦ୍ୟ ଓ ଜଳ ଅଭାବର ଆଶଙ୍କା ରହିଛି । ଆଇଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାରେ ଲାଗିଛି, ଯାହାକି ଆଗାମୀ ଦିନରେ ଅତ୍ୟନ୍ତ ଉତ୍କଟ ହେବ । ଦେଶରେ ଧାର୍ମିକ ସଙ୍କଟ ସୃଷ୍ଟି ହୋଇ ଭାରତର ଧର୍ମ ନିରପେକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବ ।

ଭାରତର ସର୍ବପୁରାତନ ସଭ୍ୟତା ଜନସଂଖ୍ୟା ବୃଦ୍ଧି ଯୋଗୁଁ ସଙ୍କଟ ଜନକ ପରିସ୍ଥିତି ଆଡକୁ ଅଗ୍ରସର ହେଉଥିବାରୁ ଏହାକୁ ସୁରକ୍ଷା କରିବା ସମସ୍ତଙ୍କ ଦାୟୀତ୍ୱ ।

ତେଣୁ ଓଡ଼ିଶା ସରକାର ପ୍ରାଦେଶିକ ସ୍ତରରେ ଜାତି ବର୍ଣ୍ଣ ଧର୍ମ ନିର୍ବିଶେଷରେ ପ୍ରତ୍ୟେକ ନାଗରିକଙ୍କ ପାଇଁ ଦୁଇଟି ସନ୍ତାନ ଆଇନ ପ୍ରଣୟନ କରିବା ସହ କେନ୍ଦ୍ର ସରକାରଙ୍କୁ ଶକ୍ତ ଆଇନ ଆଣିବାକୁ ସୁପାରିଶ କରିବା ଆବଶ୍ୟକ ।

ଯେଉଁମାନେ ଦୁଇ ସନ୍ତାନ ଜନ୍ମ ଦେବା କଟକଣାକୁ ମାନିବେ ନାହିଁ ସେମାନଙ୍କ ପ୍ରତି ମଧ କଠୋର ଦଣ୍ଡ ବିଧାନର ବ୍ୟବସ୍ଥା ରହିବା ଆବଶ୍ୟକ । ତୃତୀୟ ସନ୍ତାନ ଜନ୍ମ ଦାତାଙ୍କୁ ସରକାରୀ ଚାକିରୀ ନଦେବା ,ଚାକିରୀରେ ଥିବା ବ୍ୟକ୍ତି ତୃତୀୟ ପିଲା ଜନ୍ମ ଦେଲେ ଉଭୟ ଦମ୍ପତିଙ୍କୁ ସେବା ନିବୃତ କରିବା ,ରାସନ ସହିତ ସମସ୍ତ ସରକାରୀ ସୁବିଧାରୁ ବଂଚିତ କରିବା,ଉକ୍ତ ଦମ୍ପତିଙ୍କୁ ନିର୍ବାଚନ ଲଢ଼ିବା ଓ ଭୋଟ ଦେବା କ୍ଷମତା ରଦ୍ଦ କରିବା, ସଂପୃକ୍ତ ଦମ୍ପତିମାନଙ୍କୁ ଜେଲ ଦଣ୍ଡର ବ୍ୟବସ୍ଥା କରିବାପାଇଁ ଆଇନରେ ବ୍ୟବସ୍ଥା ହେବା ଆବଶ୍ୟକ ।

ଦେଶର ଐତିହ ,ଅସ୍ମିତା ,ସଂସ୍କୃତି ସର୍ବୋପରି ଭାରତୀୟତାକୁ ସୁରକ୍ଷିତ ରଖିବା ପାଇଁ ଦେଶରେ ଏକ କଠୋର ଆଇନ ପ୍ରଣୟନ କରିବାକୁ କନ୍ଧମାଳ ଜିଲ୍ଲା ଜନସଂଖ୍ୟା ସମାଧାନ ଫାଉଣ୍ଡେସନ ପକ୍ଷରୁ ଦାବୀ କରାଯାଇଛି ।ଜିଲା ସଭାପତି ଅଶୋକ ପରିଡାଙ୍କ ସହ ପ୍ରଣବ ମଣ୍ଡଳ ,ରାଜୁ ପାଢ଼ୀ, ପିତାମ୍ବର ମିଶ୍ର,ସୁରଞ୍ଜନ ନାୟକ, ତପନ ସାମନ୍ତରାୟ, ଶର୍ମିଳା ପଟନାୟକ,ପ୍ରମୋଦ ସାହୁ, ବଂଶୀଧର ପଣ୍ଡା, ଚକ୍ରପତି କହଁର,ଭୀମସେନ ମିଶ୍ର ବିକାଶ ମହାନ୍ତି ପ୍ରମୁଖ ସଦସ୍ୟମାନେ ଏହି ଅବସରରେ ଯୋଗ ଦେଇଥିଲେ ।

# ୬୬୨ ବର୍ଗ ଅଧ୍ୟାପକ ଓ କର୍ମଚାରୀ ସଂଘର ବିକ୍ଷୋଭ ଓ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡା, ୧୩/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ୬୬୨ ବର୍ଗ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ସଂଘର ଜିଲ୍ଲା କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୪ ଦଫା ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ଏହି ଦାବି ଗୁଡିକ ମଧ୍ୟରେ ୨୦୦୮ ଜି ଓ ରେ ଦରମା ପାଉଥିବା ଅଧ୍ୟାପକ ଓ କର୍ମଚାରୀ ମାନଙ୍କୁ ୨୦୦୯ ଜି ଓ ରେ ଦରମା ପାଉଥିବା ଅଧ୍ୟାପକ ଓ କର୍ମଚାରୀ ମାନଙ୍କ ସହିତ ଗ୍ରେଡ ପେ ଅନୁଯାଇ ସମାନ କାମକୁ ସମାନ ଦରମା ପ୍ରଦାନ କରାଯିବା, ଅବସର ନେଇଥିବା ଓ ଅବସର ନେବାକୁ ଥିବା ସମ୍ତ କର୍ମଚାରୀ ମାନଙ୍କୁ ପେନଶନ ଓ ଆବସର କାଳୀନ ରାଶି ପ୍ରଦାନ କରିବା, ୨୦୧୮ ଜି ଓ ରେ ଦରମା ପାଉଥିବା କର୍ମଚାରୀ ମାନଙ୍କୁ ସପ୍ତମ ବେତନ ହାରରେ ଦରମା ପ୍ରଦାନ କରାଯିବା ଏବଂ ବିଭିନ୍ନ ଅସଙ୍ଗତିରେ ବାଦ ପଡିଥିବା ୨୦୦୮ ଓ ୨୦୧୪ ଜି ଓ ର କର୍ମଚାରୀ ମାନଙ୍କୁ ଅନୁଦାନ ପରିସର ଭୁକ୍ତ କରିବା ଦାବି ଗୁଡିକ ରହିଛି । ୨୦୨୧ ମସିହା ଡିସେମ୍ବର ମାସ ୬୩୦ ତାରିଖ ଠାରୁ ରାଜ୍ୟ ସରକାର ଏକ କ୍ୟାବିନେଟ ମାଧ୍ୟମରେ ଉଭୟ ୬୬୨ ଓ ୪୪୮ ବର୍ଗର ସମାନ ଧାରାରେ କାମ କରୁଥିବା ଅଧ୍ୟାପକ ମାନଙ୍କ ଦରମା ସମାନ କରିଥିଲେ । ପ୍ରାୟ ୧ ବର୍ଷ ଧରି ସମାନ ଦରମା ପାଇ ଆସୁଥିଲେ ମଧ ଠିକ ୧ ବର୍ଷ ପେର ୨୦୨୩ ମସିହା ଜାନୁଆରୀ ମାସରେ ଆଉଉ ଏକ କ୍ୟାବିନେଟ କରି ନିୟମ ପରିବର୍ତନ କରି ଏକ ବିରାଟ ଅସଙ୍ଗତି ସୃଷ୍ଟି କରାଗଲା । ଯାହା ଫଳରେ ସମାନ ଫୁଟିଂ ରେ ସମାନ ଧାରାରେ କାମ କରୁଥିବା ଅଧ୍ୟାପକ ମାନଙ୍କ ଦରମାରେ ୧୦ ହଜାର ଟଙ୍କା କମ ବେଶି କରିଦେଲେ । ନିୟମ ଅନୁସାରେ ୪୮୮ ସ୍କୁଲରେ ୪୨୦୦ ଗ୍ରେଡ ପେ ଓ ୬୬୨ ବର୍ଗର ଅଧ୍ୟାପକ ମାନଙ୍କୁ ୪୬୦୦ ଟଙ୍କା ଗ୍ରେଡ ପେ ରେ କାମ କରୁଛନ୍ତି । ସରକାରଙ୍କର ଏହି ବିଚିତ୍ର ନିୟମକୁ ସଂଘ ତରଫରୁ ବିରୋଧ କରି ସମାନ ଗ୍ରେଡ ପେ କୁ ସମାନ ଦରମା ସହିତ ଅନ୍ୟ ୩ଗୋଟି ଦାବି ପୁରଣ କରିବା ପାଇଁ ସଂଘର ସଭାପତି ବସନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ରସାନନ୍ଦ ମହାନ୍ତି, ସଂପାଦକ ଗଦାଧର ବେହେରା, କାନ୍ତିମୟୀ ପଣ୍ଡା, ଜ୍ୟୋସ୍ନାମୟୀ ଶତପଥୀ, ଶୈଳବାଳା ମହାନ୍ତି ପ୍ରମୁଖଙ୍କ ସମେତ ଶତାଧିକ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣା ଦେଇଥିଲେ ।

## ୫ ଫୁଟର ଗୋଖର ସାପ ଉଦ୍ଧାର

କେନ୍ଦ୍ରାପଡା, ୧୩/୦୭ (ନି.ପ୍ର): ୫ ଫୁଟ ଲମ୍ବର ଏକ ଗୋଖର ସାପ ଉଦ୍ଧାର କରାଯାଇଛି । କେନ୍ଦ୍ରାପଡା ବ୍ଲକ ଓସ୍ତପୁର ପଞ୍ଚାୟତ ଦେପୁର ଗ୍ରାମର ହରେକୃଷ୍ଣ ପତିଙ୍କ ଘର ନିକଟରେ ଥିବା ଏକ ଇଟାଗଦା ଭିତରେ ସାପଟି ରହିଥିଲା । ବୁଧବାର ସକାଳ ସମୟରେ ଏହି ଇଟାଗଦା ନିକଟରେ ଏକ ନେଉଳ ସାପ ସହିତ ଲଢେଇ କରୁଥିବାର ଦେଖିବାକୁ ମିଳିଥିଲା । କିନ୍ତୁ ସାପଟି ଇଟା କନ୍ଦି ଭିତରେ ଥିବାରୁ ନେଉଳ ତାକୁ ଧରି ପାରିନଥିଲା । ଇଟାଗଦା ଭିତରେ ସାପ ଥିବାର ନିଶ୍ଚିତ ଜାଣି ସ୍ନେକ ହେଲ୍ପଲାଇନ ସହିତ ଯୋଗାଯୋଗ କରାଯାଇଥିଲା । ଇଚ୍ଛାପୁର ଅଞ୍ଚଳର ସାପ ଧରାଳି ଆଶୁତୋଷ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଏହି ସାପଟିକୁ ଧରିବାକୁ ସକ୍ଷମ ହୋଇଥିଲେ ।

# ଜିଲ୍ଲାସ୍ତରୀୟ ୭୪ତମ ବନ ମହୋତ୍ସବ ପାଳିତ

ମାଲକାନଗିରି, ୧୩/୦୭ (ନି.ପ୍ର): ମାଲକାନଗିରି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପରିସରରେ ବନଖଣ୍ଡ ଅଧିକାରୀ ପ୍ରତାପ କୋଟାପାଲି ଙ୍କ ଅଧକ୍ଷତା ରେ ଜିଲ୍ଲା ସ୍ଥରୀୟ ୭୪ତମ ବନ ମହୋତ୍ସବ ଗତକାଲି ଅପରାହ୍ନ ରେ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟଅତିଥି ଭାବେ ଜିଲ୍ଲାପାଳ ବିଶାଲ ସିଂ,ସମ୍ମାନିତ ଅତିଥି ଭାବେ ପୋଲିସ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ , ପିଏ ଆଇଟିଡିଏ ଜୟଶ୍ରୀ , ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରଫୁଲ୍ଲ ଭୁଜବଳ ମଂଚାସୀନ ଥିଲେ ।ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା ଶିଶୁ ଟିଏକୁ ଗଛଟିଏ ଲଗାଇବା ପାଇଁ ଶପଥ ପାଠ କରାଯାଇ ବିଦ୍ୟାଳୟ ପରିସର ରେ ଅତିଥି ମାନେ ବିଭିନ୍ନ ପ୍ରକାର ଚାରା ରୋପଣ କରିଥିଲେ । ଏହି ଅବସରରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ତିନି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକ ଯଚିନ୍ଦ୍ର ସ୍ୱାଇଁଙ୍କ ସହିତ ଅନ୍ୟ ୭ଜଣ ଶିକ୍ଷକଙ୍କୁ ପ୍ରକୃତି ବନ୍ଧୁ ପୁରସ୍କାର ସ୍ୱରପ ୧୦ହଜାର ଟଙ୍କା,ମାନପତ୍ର ଓ ଉପଢୌକନ ଦେଇ ମୁଖ୍ୟଅତିଥି ଜିଲ୍ଲାପାଳ ବିଶାଲ ସିଂହ ସମ୍ମାନିତ କରିଥିଲେ । ଏହା ବ୍ୟତୀତ ଜଙ୍ଗଲ ସୁରକ୍ଷା ପାଇଁ ମାଥିଲି ବନାଂଚଳ ସ୍ଥ ପୁଟୁଙ୍ଗା ବନସୁରକ୍ଷା ସମିତି କୁ ୨୦ ହଜାର ଟଙ୍କା ଓ ମାନ ପତ୍ର ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ରେ ବନ ବିଭାଗର ସମସ୍ତ ରେଞ୍ଜ ଅଫିସର ବନକର୍ମଚାରି ,ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ରହି ୨୦୦ ରୁ ଉର୍ଦ୍ଧ ବୃକ୍ଷରୋପଣ କରିଥିଲେ । ସହକାରୀ ବନ ସଂରକ୍ଷକ ଲିଲି ଅମାନତ୍ୟା ମଂଚପରିଚାଳନା କରିଥିବା ବେଳେ ମାଲକାନଗିରି ବନାଂଚଳ ଅଧିକାରୀ ଜଗନ୍ନାଥ ବିଷୋୟୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ସାଇବର ଠକଙ୍କ ନୂଆ ତରିକା : ପାର୍ସଲ ନାଁରେ ଲୋକଙ୍କୁ ଲୁଟୁଛନ୍ତି



ଭୁବନେଶ୍ୱର, ୧୩/୦୭ (ନି.ପ୍ର): 'ହାଲୋ... ଆପଣ ମାନସ ରାୟ କହୁଛନ୍ତି କି ? ମୁଁ ଫେଡଏକ୍ସ କମ୍ପାନି କଷ୍ଟମର କେୟାରରୁ କହୁଥିଲି । ଆପଣଙ୍କ ନାଁରେ ଏକ ପାର୍ସଲ ଆସିଛି । ପାର୍ସଲରେ କିଛି ନିଶା ଦ୍ରବ୍ୟ ରହିଛି । ମୁମ୍ବାଇ କଷ୍ଟମ ଅଧିକାରୀ ଆପଣଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପୂର୍ବରୁ ଆପଣ ଅନଲାଇନ୍ ପେମେଣ୍ଟ ଜରିଆରେ ୫୦ ହଜାର ଟଙ୍କା ଦେଇ ଆମ ମୁମ୍ବାଇସ୍ଥିତ ଅଫିସରୁ ଆପଣଙ୍କ ପାର୍ସଲ ନେଇଯାଆନ୍ତୁ ।' ହଠାତ୍ ଏଭଳି ଫୋନ୍ କଲ୍ ପାଇଲା ପରେ ଯେ କେହି ବି ଭୟଭୀତ ହୋଇଯିବ । କାର୍ଯ୍ୟାନୁଷ୍ଠାନ ଭୟରେ କେହି କେହି ଟଙ୍କା ମଧ୍ୟ ଦେଇଦେବେ । କିନ୍ତୁ ଏହା ସାଇବର ଠକଙ୍କର ଏକ ନୂଆ ତରିକା । ଲୋକଙ୍କୁ ଏଭଳି ଭୟଭୀତ କରି ସାଇବର ଅପରାଧୀମାନେ ଟଙ୍କା ଲୁଟୁଥିବା ଘଟଣା ସାମ୍ନାକୁ ଆସୁଛି । ଫେଡଏକ୍ସ ଏକ ଅନ୍ତର୍ଜାତୀୟ କୋରିଅର କମ୍ପାନି । ଏହା ଦ୍ୱାରା ବିଭିନ୍ନ ସାମଗ୍ରୀ ବାହାର ଦେଶକୁ ରପ୍ତାନି କିମ୍ବା ଆମଦାନି କରାଯାଇଥାଏ । କିଛି ଦିନ ତଳେ ରାଜଧାନୀର ଜଣେ ମହିଳାଙ୍କୁ ଏଭଳି ଏକ ହ୍ୱାଟ୍ ?ସଆପ କଲ୍ ଆସିଥିଲା । କଲ୍ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ଫେଡଏକ୍ସ କମ୍ପାନିର କଷ୍ଟମର କେୟାର ଅଧିକାରୀ ବୋଲି ପରିଚୟ ଦେଇଥିଲେ । ବ୍ୟକ୍ତି ଜଣଙ୍କ କହିଥିଲେ ଯେ ତାଙ୍କ ନାମରେ କିଛି ସାମଗ୍ରୀ ତାଇୱାନକୁ ପଠାଯାଉଛି । ମୁମ୍ବାଇରେ ଏହାର ଯାଞ୍ଚ ପାଇଁ ମହିଳାଙ୍କ ମୋବାଇଲ୍ ନମ୍ବରକୁ ଏକ ଓଟିପି ଆସିଥିବା କହି ମାଗିଥିଲେ । କିନ୍ତୁ ମହିଳା ଜଣଙ୍କ କୌଣସି ସାମଗ୍ରୀ ପଠାଇ ନାହାନ୍ତି ବୋଲି କହିଥିଲେ । ତେଣୁ ସେ କୌଣସି ଓଟିପି ଦେବାକୁ ମନା କରିଥିଲେ । ଅନ୍ୟପଟେ ଥିବା ବ୍ୟକ୍ତି କହିଥିଲା ଯେ, ପାର୍ସଲରେ ତାଙ୍କ ଫୋନ୍ ନମ୍ବର ରହିଛି । ଏହା ସହ ସେଠାରେ ତାଙ୍କ ନାମ ମଧ ଠକ ଜଣଙ୍କ ଠିକ୍ ଭାବେ କହିଥିଲା । କିନ୍ତୁ ଠିକଣା ଭୁଲ୍ କହିଥିଲା । ଏହାସହ ପାର୍ସଲରେ ନିଶା ଦ୍ରବ୍ୟ ଥିବା ଚିହ୍ନଟ କରାଯାଇଛି ବୋଲି କହିଥିଲା । ଏଥିପାଇଁ ମୁମ୍ବାଇ ପୁଲିସ ଆପଣଙ୍କ ନାମରେ ନୋଟିସ ବାହାର କରିବ । ଏଥିରୁ ବଞ୍ଚିବା ପାଇଁ ୫୦ ହଜାର ଦେବାକୁ ଠକ ଧମକାଇଥିଲା । କିନ୍ତୁ ମହିଳା ଟଙ୍କା ଦେବାକୁ ମନା କରିବାରୁ ସେପଟୁ ଫୋନ୍ କଟି ଯାଇଥିଲା । ଏହାର କିଛି ସମୟ ପରେ ହ୍ୱାଟ୍‌ସଆପରେ ଏକ ମୁମ୍ବାଇ ପୁଲିସ ଲୋଗୋ ଥିବା ଏକ ନୋଟିସ ଆସିଥିଲା । ପରେ ଭିଓଆଇପି ମାଧ୍ୟମରେ ଏକ ଅନଲାଇନ୍ କଲ ଆସିଥିଲା । କଲ୍ କରିଥିବା ବ୍ୟକ୍ତି ନିଜକୁ ମୁମ୍ବାଇ ପୁଲିସ ଅଧିକାରୀ ଭାବେ ପରିଚୟ ଦେଇ ତାଙ୍କୁ ଥାନାରେ ହାଜର ହେବାକୁ କହିଥିଲା । କିଛି ସମୟ କଥା ହେବା ପରେ ଘଟଣାକୁ ସମାଧାନ କରିବାକୁ ଟଙ୍କା ମାଗିଥିଲା । କିନ୍ତୁ ମହିଳା ଜଣଙ୍କ ଟଙ୍କା ଦେବାକୁ ମନା କରିବା ପରେ ଫୋନ୍ କଟିଯାଇଥିଲା । ଏହା ଏକ ଉଦାହରଣ ମାତ୍ର । ଏଭଳି ବହୁ ସଂଖ୍ୟାରେ ଲୋକଙ୍କ ପାଖକୁ ଅଜଣା କଲ୍ ଆସୁଥିବା ଜଣାପଡିଛି । କିଛି ଲୋକ ଥାନା ମାମଲାରେ କିଏ ପଡ଼ିବ ଭାବି ଟଙ୍କା ଦେଇ ଦେଉଥିବା ଜଣାପଡିଛି । ନଚେତ୍ ଓଟିପି ମଧ ଦେଉଛନ୍ତି । ଫଳରେ ସେମାନେ ଠକେଇ ଶିକାର ହେଉଛନ୍ତି । ନୂଆପଲ୍ଲୀ ଅଞ୍ଚଳର ଜଣେ ମହିଳାଙ୍କ ପାଖକୁ ଫେଡଏକ୍ସ ନାମରେ ଏକ କଲ୍ ଆସିଥିଲା । ଯେଉଁଥିରେ ସମାନ ଉପାୟରେ ଏନସିବି, ସିବିଆଇ, ପୁଲିସ, ଇଡି ଅଫିସର ଭାବେ କଲ କରି ଜଣେ ମହିଳାଙ୍କୁ ବ୍ଲାକମେଲ୍ କରୁଥିବା ସାଇବର ଥାନାରେ ମହିଳା ଜଣଙ୍କ ଜୁନ ମାସରେ ଅଭିଯୋଗ କରିଥିଲେ । କ୍ରାଇମବ୍ରାଞ୍ଚ ଇଓଡବ୍ଲୁ ଏହି ମାମଲାରେ ତଦନ୍ତ କରି ୧୭ଟି ବ୍ୟାଙ୍କ ଆକାଉଣ୍ଟ ଅଚଳ କରିଥିବା ଜଣାପଡ଼ିଛି । ସାଇବର ବିଶେଷଜ୍ଞ ଆକାଶ ମିଶ୍ର କୁହନ୍ତି ଯେ, ଏହି ଠକେଇ ପ୍ରଥମେ ଫେଡଏକ୍ସ କମ୍ପାନି ନାମରେ ଲୋକ ଲୋଚନକୁ ଆସିଥିବାରୁ ଏହା ଫେଡଏକ୍ସ ସ୍କାମ କୁହାଯାଉଛି । କିନ୍ତୁ କେବଳ ଫେଡ୍ଏକ୍ସ କମ୍ପାନି ନୁହେଁ ଆଜିକାଲି ବ୍ଲୁ ଡାର୍ଟ, ଆରମାକ୍ସ ଭଳି ବଡ଼ ବଡ଼ କମ୍ପାନି ନାମରେ ଲୋକଙ୍କ ଠାରୁ ଠକେଇ ହେଉଛି । ଏଥିରୁ ବର୍ତ୍ତିବା ପାଇଁ ଲୋକଙ୍କୁ ସଚେତନ କରିବା ଆବଶ୍ୟକ । କୌଣସି ତଦନ୍ତକାରୀ ସଂସ୍ଥା ଯେପରିକି ଏନସିବି, ସିବିଆଇ ପୁଲିସ, ଇଡି ଆଦି ହ୍ୱାଟସ ଆପ୍, ସ୍କାଇପି, ଭିଓଆଇପି ଆଦିରେ କଲ କରନ୍ତି ନାହିଁ କିମ୍ବା ହ୍ୱାଟସପରେ ନୋଟିସ ପଠାନ୍ତି ନାହିଁ । ଏଭଳି କିଛି କଲ୍ କିମ୍ବା ନୋଟିସ ଆସିଲେ ପ୍ରଥମେ ସେହି ସଂସ୍ଥାର ୱେବସାଇଟକୁ ଯାଇ ଯାଞ୍ଚ କରିବା ଉଚିତ୍ କିମ୍ବା ସାଇବର କ୍ରାଇମ ଥାନାରେ ନଚେତ ସ୍ଥାନୀୟ ପୁଲିସ ନିକଟରେ ଅଭିଯୋଗ କରିବା ଉଚିତ । ଏଭଳି କଲରୁ ସତର୍କ ରହିଲେ ଠକେଇରୁ ରକ୍ଷା ମିଳିପାରିବ ବୋଲି ସେ କହିଛନ୍ତି ।

# ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ବନ୍ଦ ପାଇଁ ପାରାଦୀପ ପୌରପାଳଙ୍କ ଆହ୍ୱାନ: ବନ୍ଦ ନହେଲେ ହେବ କଡା କାର୍ଯ୍ୟାନୁଷ୍ଠାନ



ପାରାଦୀପ, ୧୩/୦୭ (ନି.ପ୍ର): ପାରାଦୀପ ସହରକୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ପ୍ରତିବନ୍ଧିତ ସହର ଭାବେ ଗଢି ତୋଳିବା ପାଇଁ ପଦକ୍ଷେପ ନେଉଛି ପାରାଦୀପ ପୌରପାଳିକା । ସମଗ୍ର ପାରାଦୀପରୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା ପାଇଁ ବୁଧବାର ଦିନ ଆହ୍ୱାନ ଦେଇଛନ୍ତି ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ । ଏହି ଉପଲକ୍ଷେ ପାରାଦୀପ ପୋର୍ଟ ବଣିକ ସଂଘ ପରିସରରେ ଏକ ସମ୍ମିଳିତ ବୈଠକ ପୌରପାଳିକା ପକ୍ଷରୁ ଆୟୋଜିତ ହୋଇଥିଲା । ଏହି ବୈଠକରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସ୍ୱତନ୍ତ୍ର ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା, ପାରାଦୀପ ବନ୍ଦରର ସମ୍ପଦ ଅଧିକାରୀ ବିଶ୍ୱଜିତ ମିଶ୍ର, ପାରାଦୀପ ଆଦର୍ଶ ଥାନା ଅଧିକାରୀ ସବ୍ୟସାଚୀ ରାଉତ, ପରିବେଶବିତ୍ ଅମରେଶ ନରେଶ ସାମନ୍ତ,ପାରାଦୀପ ପୋର୍ଟ ବଣିକ ସଂଘ ସଭାପତି ସନ୍ତୋଷ କୁମାର ପଟ୍ଟନାୟକ,ଅଠରବାଙ୍କୀ ବଣିକ ସଂଘ ସଭାପତି ନଗେନ୍ଦ୍ର କୁମାର ରାଉତ, ପୌର ଉପାଧକ୍ଷା ଛବିଲତା ରାଉତ, ପାରାଦୀପ ସାକ୍ଷରତା ସମିତିର ପ୍ରକଳ୍ପ ସଂଯୋଜକ ଅଶୋକ ମହାପାତ୍ର, ପୌର ପାଳିକାର ପାରିଷଦପ୍ରମୁଖ ଯୋଗ ଦେଇ ପ୍ରଦୂଷଣ ମୁକ୍ତ ପାରାଦୀପ ଗଠନରେ ସବୁ ପ୍ରକାରର ସହଯୋଗ ପ୍ରଦାନ କରିବାକୁ ସହମତି ପ୍ରଦାନ କରିଥିଲେ । ଆଗାମୀ ଏକ ସପ୍ତାହ ମଧ୍ୟରେ ପାରାଦୀପର ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ବଡପଡିଆ ମାର୍କେଟରୁ ସମ୍ପୂର୍ଣ୍ଣ ଭାବେ ଏକକ ବ୍ୟବହୃତ ପଲିଥିନ ବନ୍ଦ କରିବାକୁ ସମସ୍ତ ପ୍ରକାରର ସହଯୋଗ ଯୋଗାଇ ଦେବାକୁ ବଣିକ ସଂଘ ସଭାପତି ଶ୍ରୀ ପଟ୍ଟନାୟକ ଘୋଷଣା କରିଥିଲେ । ଶେଷରେ ସମାଜସେବୀ ଗୋଲଖ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ପାରାଦୀପର ବିଭିନ୍ନ ସମାଜସେବୀ ସଙ୍ଗଠନର ସଦସ୍ୟ, କର୍ମକର୍ତ୍ତାମାନେ ବହୁ ସଂଖ୍ୟାରେ ଏହି ସମାବେଶରେ ଯୋଗ ଦେଇଥିଲେ ।

## ମ୍ୟାଟ୍ରିକ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଶିଶୁ ଯତ୍ନ ଅନୁଷ୍ଠାନର ଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କଲେ ଜିଲ୍ଲାପାଳ

ଜଳେଶ୍ୱର , ୧୩/୦୭ (ନି.ପ୍ର): ଜଳେଶ୍ୱର ମ୍ୟୁନିସିପାଲଟିର ଶାନ୍ତିଆସ୍ଥିତ ଗାନ୍ଧୀ ସେବାଶ୍ରମ ଈଶ୍ୱରଲାଲ ଶିଶୁ ଭବନର ଛାତ୍ରୀ ସୁନିତା ଗିରିଙ୍କୁ ବାଲେଶ୍ୱର ଜିଲାପାଳ ଦତ୍ତାତ୍ରୟ ଭାଉ ସାହେବ ସିନ୍ଦେ ଏକ ସ୍ୱତନ୍ତ୍ର ଉତ୍ସବରେ ସମ୍ବର୍ଦ୍ଧିତ କରିଛନ୍ତି । ଘଟଣାରୁ ପ୍ରକାଶ, ଜିଲାରେ ଥିବା ୧୧ଟି ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା କେତେକ ଛାତ୍ରଛାତ୍ରୀ ଚଳିତବର୍ଷ ମ୍ୟାଟ୍ରିକ ପରୀକ୍ଷା ଦେଇଥିଲେ । ସେମାନଙ୍କ ମଧ୍ୟରୁ ସୁନିତା ପ୍ରଥମ ଶ୍ରେଣୀରେ ପାସ୍ କରିବା ସହିତ ସର୍ବୋଚ୍ଚ ନମ୍ବର ରଖି ଅନୁଷ୍ଠାନକୁ ଗୌରବ ଆଣିଛନ୍ତି । ଜଳେଶ୍ୱର ବ୍ଲକ ଅଧିନ ବାଇଗଣବାଡିଆ ଗାଁର କିଶାନ୍ ଗିରି ଦଶବର୍ଷ ତଳେ ଆରପାରିକୁ ଚାଲିଗଲାପରେ ବିଧବା ପତ୍ନୀ ରିନାରାଣୀ ଗିରି ଦିନମଜୁରିଆଭାବେ କାର୍ଯ୍ୟକରି ୩ଜଣ ପିଲାଙ୍କ ଲାଳନପାଳନ କରିବା ଅସମ୍ଭବ ହୋଇଥିଲା । ସୁନିତା ନିଜ ଆଈଘରେ ରହିଥିବା ବେଳେ ଶିଶୁ ମଂଗଳ ଅଧିକାରୀଙ୍କ ନଜରକୁ ଆସିଥିଲେ । ପରେ ସେ ଗାନ୍ଧୀ ସେବାଶ୍ରମ ଈଶ୍ୱରଲାଲ ଶିଶୁ ଭବନରେ ରହି ଶାନ୍ତିଆସ୍ଥିତ ଶ୍ରୀନାଥଚନ୍ଦ୍ର ସୀମାନ୍ତ ଉଚ୍ଚ ବିଦ୍ୟାଳୟରେ ପଠପଢା ଆରମ୍ଭ କରି ଥିଲେ । ସେ ଦିନକୁ ୧୦ଘଣ୍ଟା ପରିଶ୍ରମ କରି ସେବାଶ୍ରମରୁ ପରୀକ୍ଷା ଦେଇଥିବା ୬ଜଣଙ୍କ ମଧ୍ୟରୁ ସର୍ବୋର୍ଚ୍ଚ ନମ୍ବର ରଖିଥିବାରୁ ଜିଲାପାଳ ତାଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ସଫଳତା ଅନ୍ୟ ପିଲାମାନଙ୍କୁ ପ୍ରେରଣ ଯୋଗାଇବ ବୋଲି ଅନୁଷ୍ଠାନର କର୍ମକର୍ତ୍ତାମାନେ କହିଛନ୍ତି ।

## ଭଗବାନପୁର ଫାର୍ମ ହାଉସ୍‌ରେ ବୃକ୍ଷ ରୋପଣ



ବସ୍ତା ୧୩।୭(ନିପ୍ର) ଆମ୍ବଗଡ଼ିଆ ପଞ୍ଚାୟତର ଭଗବାନପୁର ଗ୍ରାମରେ ଅବସ୍ଥିତ ଭଗବାନପୁର ଫାର୍ମହାଉସ୍ ରେ ଆମ୍ବଗଡ଼ିଆ ବିକାଶ ପରିଷଦ ପକ୍ଷରୁ , ବିକାଶ ପରିଷଦ ର ସଭାପତି ଶ୍ରୀଯୁକ୍ତ ଅନ୍ତର୍ଯ୍ୟାମୀ ମହାପାତ୍ର ଙ୍କ ତତ୍ତ୍ୱାବଧାନରେ ବିଭିନ୍ନ ପ୍ରଜାତିର ପାଞ୍ଚଶହ ଚାରା ରୋପଣ ଗୁରୁବାର ସକାଳ ୭ଟାରେ ହୋଇଯାଇଅଛି ।ଏହି ସେବା ମୂଳକ କାର୍ଯ୍ୟ ରେ ପିଞ୍ଛାବଣିଆ ଗୁରୁକୁଳର ସଂଚାଳକ ଆଚାର୍ଯ୍ୟ ବିଜୟ ଜୀ, ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ଯୁବ ସମାଜସେବୀ ସୁମନ୍ତ ଜେନା, ସମାଜସେବୀ ଚନ୍ଦ୍ର ମୋହନ ସାହୁ, ବିଶିଷ୍ଟ କଳାକାର ପୂର୍ଣଚନ୍ଦ୍ର ନାୟକ,ଗଛମଣିଷ ରବୀନ୍ଦ୍ର ବେହେରା, ସମାଜସେବୀ ସଦାଶିବ ପାଢୀ, ହୀରାପୁର ଉଚ୍ଚ ବିଦ୍ୟାଳୟ ର ଚେୟାରମେନ ଜିତେନ୍ଦ୍ର ପଣ୍ଡା, ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଦେବେନ୍ଦ୍ର ଆଚାର୍ଯ୍ୟ,ଯୋଗୀ ଅନ୍ତର୍ଯ୍ୟାମୀ ରାଉଳ, ସର୍ବେଶ୍ୱର ଦେହୁରୀ, ରିପନ୍ ବାରିକ୍ ଙ୍କ ସମେତ ବିକାଶ ପରିଷଦ ର ସଂପାଦକ କୁଳ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଚାରା ରୋପଣ କରିଥିଲେ। ପରିଶେଷରେ ପରିଷଦର ଉପଦେଷ୍ଟା ଚକ୍ରଧର ଆଚାର୍ଯ୍ୟ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ବନ୍ଦର ଆବାସିକ କ୍ୱାର୍ଟର ନବୀକରଣ ପାଇଁ ପାରାଦୀପ ବନ୍ଦର ଓ ଏନବିସିସି ସହିତ ଚୁକ୍ତିନାମା ସ୍ୱାକ୍ଷରିତ



ପାରାଦୀପ, ୧୩/୦୭ (ନି.ପ୍ର): ପାରାଦୀପ ବନ୍ଦର ଦ୍ୱାରା ନିର୍ମାଣ କରାଯାଇଥିବା ଆବାସିକ କ୍ୱାଟର ଗୁଡିକର ମରାମତି ପାଇଁ ବୁଧବାର ଦିନ ପାରାଦୀପ ବନ୍ଦର ଓ ଏନବିସିସି ମଧ୍ୟରେ ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି । ଏହି କ୍ୱାଟର ଗୁଡିକର ନବୀକରଣ, ମରାମତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟର ତଦାରଖ ଏବେ ଏହି ସଂସ୍ଥା କରିବ ବୋଲି ପାରାଦୀପ ବନ୍ଦର ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି । ଏହି ଚୁକ୍ତିନାମାରେ ପାରାଦୀପ ବନ୍ଦର ପକ୍ଷରୁ ଏହି ଚୁକ୍ତିନାମାରେ ମୁଖ୍ୟଯନ୍ତ୍ରୀ ହିମାଂଶୁ ଶେଖର ରାଉତ ଏବଂ ଏନବିସିସି ପକ୍ଷରୁ ସାଧାରଣ ପ୍ରବନ୍ଧକ (ଇଂଜିନିୟରିଙ୍ଗ) ଆର୍.ଏନ୍.ସିହ୍ନା ସ୍ୱାକ୍ଷର କରିଥିଲେ । ପାରାଦୀପ ବନ୍ଦର ଅଧକ୍ଷ ପି.ଏଲ.ହରନାଦ, ଉପାଧକ୍ଷ ନିଲଭ୍ର ଦାସଗୁପ୍ତା, ଉପସଂରକ୍ଷକ କ୍ୟାପଟେନ୍ ଅଲେଖ ଚନ୍ଦ୍ର ସାହୁ, ମୁଖ୍ୟ ଅର୍ଥ ପରାମର୍ଶଦାତା ଡି.ଏନ୍.ସୋଣ୍ଡୀଙ୍କ ସମେତ ପାରାଦୀପ ବନ୍ଦର ଓ ଏନବିସିସିର ଅଧିକାରୀମାନେ ଉପସ୍ଥିତ ଥିଲେ ।

## ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

ଖୋର୍ଦ୍ଧା, ୧୩/୦୭ (ନି.ପ୍ର): ଗୁରୁବାର ସକାଳେ ରତ୍ନମାଳୀ ସାହି ଶଙ୍ଖା ସିନ୍ଦୁର ପୋଖରୀରେ ଜନୈକ ଯୁବକଙ୍କ ମୃତଦେହ ଭାସୁଥିବାର ଦେଖିବାକୁ ମିଳିଛି। ମୃତ ଯୁବକ ଜଣକ ହେଲେ ରତ୍ନମାଳୀ ସାହିର ଅମରଜିତ୍ ପଟ୍ଟନାୟକ (୨୮) ।ସୂଚନା ଅନୁଯାୟୀ, ଟାଙ୍ଗୀ ଥାନା ଅନ୍ତର୍ଗତ ରତ୍ନମାଳୀ ସାହିରେ ଥିବା ଶଙ୍ଖା ସିନ୍ଦୁର ପୋଖରୀକୁ ଆଜି ସକାଳେ ସ୍ଥାନୀୟ ଲୋକେ ସ୍ନାନ କରିବାକୁ ଯାଇଥିବା ବେଳେ ଏକ ଶବ ପୋଖରୀରେ ଭାସୁଥିବା ଦେଖିବାକୁ ପାଇଥିଲେ। ଏନେଇ ସ୍ଥାନୀୟ ଲୋକେ ଟାଙ୍ଗୀ ଅଗ୍ନିଶମ ବାହାନୀକୁ ଖବର ଦେଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ମୃତଦେହ ଉଦ୍ଧାର କରିଥିଲେ। ଯୁବକଙ୍କ ପରିଚୟ ମିଳିବା ପରେ ମୃତକଙ୍କ ପରିବାରକୁ ସୂଚନା ଦେଇଥିଲେ। ମୃତକଙ୍କ ପିତା ତାରାକାନ୍ତ ପଟ୍ଟନାୟକ ଘଟଣାସ୍ଥଳରେ ପହଂଚି ମୃତକଙ୍କ ଶବକୁ ଚିହ୍ନଟ କରିଥିଲେ। ହେଲେ ମୃତ୍ୟୁର କାରଣ ଅସ୍ପଷ୍ଟ ଥିବା ବେଳେ ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି।

## ଫେଲୋସିପ ଅନୁଷ୍ଠାନର ନିଆରା ବିବାହ ସମ୍ପନ୍ନ



ଭଦ୍ରକ, ୧୩/୦୭ (ନି.ପ୍ର): ଭଦ୍ରକର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ ଫେଲୋସିପ୍ର ସଭାପତି ଶ୍ରୀମତୀ ଝରଣା ପଟ୍ଟନାୟକ ସଂପାଦକ ଏସ୍. ଏମ୍ ଫାରୁକ ଓ ନିର୍ଦ୍ଦେଶକ ଲଲାଟେନ୍ଦୁ ମହାନ୍ତିଙ୍କ ତତ୍ୱାବଧାନରେ ଫେଲୋସିପ୍ ସ୍ୱାଧାର ଗୃହର ଗତ ତା ୧୨ ଜୁଲାଇରେ ଏକ ନିଆରା ବିବାହ ସମ୍ପାଦାନ କରାଯାଇଛି। ୪ବର୍ଷରୁ ଊର୍ଦ୍ଧ ଏକ ଆଦିବାସୀ ଝିଅ ମାଣ୍ଡୋଇ ହୋ ପୋଲିସ ଦ୍ୱାରା ଉଦ୍ଧାର କରାଯାଇ ଫେଲୋସିପ୍ ସ୍ୱାଧାର ଗୃହରେ ଆଶ୍ରିତ କରାଯାଇଥିଲା। ସେହି ଦିନଠାରୁ ଆଜି ପର୍ଯ୍ୟନ୍ତ ତାର ରକ୍ଷଣା ବେକ୍ଷଣା ଲାଳଣ ପାଳଣ ସହିତ ଦକ୍ଷତା ପ୍ରଶିକ୍ଷଣ କରାଯାଇ ଝିଅର ଆଗାମୀ ଭବିଷ୍ୟତକୁ ଆଖିରେ ରଖି ଏହି ଅନୁଷ୍ଠାନ ଏକ ଯୋଗ୍ୟ ବରପାତ୍ର ଦୋଲସାହି ନିକଟସ୍ଥ ଶ୍ରୀମନ୍ତ ନଗର ଜୟଗୁରୁ ନିବାସୀ ଶ୍ରୀଯୁକ୍ତ ବାବାଜୀ ଚରଣ ସ୍ୱାଇଁଙ୍କର କନିଷ୍ଠ ପୁତ୍ର ଅନନ୍ତ ପ୍ରସାଦ ସ୍ୱାଇଁଙ୍କୁ ଚୟନ କରି ଭଦ୍ରକ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ବିବାହ ସମ୍ପାଦାନ କରିଛି। ଏହି ବିବାହକୁ ସ୍ୱାଧାର ଗୃହର ପରିଚାଳିକା ଯୋଗମାୟା ଚାନ୍ଦଙ୍କ ନେତୃତ୍ୱରେ ଫେଲୋସିପ୍ର ସମସ୍ତ ପ୍ରକଳ୍ପର କର୍ମଚାରୀ ମାନେ ସହଯୋଗ କରି ବିବାହଟିକୁ ସମ୍ପୂର୍ଣ୍ଣ ବୈଦିକ ରିତୀ କ୍ରମେ ଯଥା ବର ଆଗମନ, ଅତିଥି ସତ୍କାର, କନ୍ୟାଦାନ, ପ୍ରସାଦ ସେବନ ଏବଂ ଆଶୀର୍ବାଦ ପ୍ରଦାନ ସମସ୍ତ କାମ ଅତ୍ୟନ୍ତ ସୁନ୍ଦର ଭାବେ ସଂପାଦନ କରିଥିଲେ। ସଖି ୱାନ୍ ଷ୍ଟପ୍ ସେଣ୍ଟରର କେଶ ୱାର୍କର ସସ୍ମିତା ପ୍ରିୟଦର୍ଶନୀ କନ୍ୟାଦାନ କରିବା ସହିତ ଜ୍ୟୋତିରଞ୍ଜନ ରାଉତ ବରଧରା କାର୍ଯ୍ୟ ସଂପାଦନ କରିଥିଲେ। ଏହି ବିବାହରେ ଭଦ୍ରକ ଜିଲ୍ଲାର ମାନ୍ୟବର ଜିଲ୍ଲାପାଳ ବରକନ୍ୟାକୁ ଶୁଭେଚ୍ଛା ପ୍ରଦାନ କରିଥିଲେ। ତତ୍ ସହିତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲା ସମାଜ ମଗଂତା ଅଧିକାରିଣୀ ଜିଲ୍ଲା ସୁରକ୍ଷା ଅଧିକାରିଣୀ, ପୂର୍ବତନ ଜିଲ୍ଲା ସୁରକ୍ଷା ଅଧିକାରିଣୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ, ଜିଲ୍ଲା ବାଲ୍ୟ ବିବାହ ଅଧିକାରୀ ଏବଂ ଜିଲ୍ଲା ଶିଶୁ ସଂଗଠନ ସମିତିର ଅଧକ୍ଷ ଓ ସଭ୍ୟ ମାନେ ଉପସ୍ଥିତ ରହି ବିବାହ ଉତ୍ସବରେ ଯୋଗଦାନ କରିବା ସହିତ ବର କନ୍ୟାକୁ ଆଶିର୍ବାଦ କରିଥିଲେ। ଏତତ୍ ବ୍ୟତିତ ଭଦ୍ରକର ମାନ୍ୟଗଣ୍ୟ ବ୍ୟକ୍ତି ଇନର ହୁଇଲର ମଭ୍ୟା ମାନେ ଅନୁଷ୍ଠାନର ପରିଚାଳନା ପରିଷଦର ସଭ୍ୟ ମାନେ ଏବଂ ତାଙ୍କର ପରିବାର ଓ ସମାଜସେବୀ ଶ୍ରୀମତୀ ସୁରଜିତା ନାୟକ, ରାଧାରାଣୀ ମହାପାତ୍ର, ସୁଧାକର ରାଉତ ଓ ହରି ପ୍ରସାଦ ନନ୍ଦ ସମେତ ଅନେକ ଉପସ୍ଥିତ ରହି ବିବାହରେ ସହଯୋଗ କରିଥିଲେ।

## ଅଙ୍ଗନବାଡ଼ି କେନ୍ଦ୍ରରେ ଓଜନ ଉତ୍ସବ ପାଳନ

ଲଙ୍ଗଳେଶ୍ୱର , ୧୩/୦୭ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତର ୪ ନଂ ଅଙ୍ଗନବାଡ଼ି କେନ୍ଦ୍ରରେ ଆଜି ଓଜନ ଉତ୍ସବ ପାଳନ କରାଯାଇଛି। ଅଙ୍ଗନବାଡ଼ି କେନ୍ଦ୍ରରେ ଶିକ୍ଷାଦାନ କରିବାକୁ ଆସିଥିବା ପିଲାମାନଙ୍କର ପ୍ରତିମାସର ଓଜନ କରିବା ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଏ। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ନୂଆଗାଁ ସେକ୍ଟର ସୁପରଭାଇଜର ସୁମିତ୍ରା ପାତ୍ର, ସମ୍ମାନୀତ ଅତିଥି ଶିକ୍ଷକ ସୋନିଲ ମୁର୍ମୁ, ଆଶାକର୍ମୀ ଛବିରାଣୀ କରଣ,ଓ୍ୱାଡ ସଦସ୍ୟ ଜନ୍ମେଜୟ ଗିରି ,ଯାଞ୍ଚ କମିଟି ସଭ୍ୟା ମଞ୍ଜୁଲତା ବାରିକ, ବାସନ୍ତୀ ଗିରି,ମାତୃ କମିଟି ସଭ୍ୟା ରାଧାରାଣୀ ବେହେରା ପ୍ରମୁଖ ଯୋଗଦେଇ ଓଜନ ଉତ୍ସବ ପାଳନ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଙ୍ଗନବାଡ଼ି କର୍ମୀ ଅଞ୍ଜଳି ସେଠୀ ଉତ୍ସବକୁ ପରିଚାଳନା କରିଥିବାବେଳେ ସହାୟକା କୁନିଲତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଓଜନ ଉତ୍ସବ ବ୍ଲକ ର ସମସ୍ତ ଅଙ୍ଗନବାଡ଼ି କେନ୍ଦ୍ରରେ ଆୟୋଜନ ହେଉଅଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ଆଜି ଭାରତର....

ଚନ୍ଦ୍ରାୟଣ-୩ ବିଶେଷତା: ଉତକ୍ଷେପଣ ପରେ ଚନ୍ଦ୍ରାୟଣ-୩ ପୃଥିବୀକୁ ୫ରୁ ୬ ଥର ପରିକ୍ରମା କରିବ। ଏହି ପରିକ୍ରମା ସମୟରେ ଏହା ପୃଥିବୀର ୧୭୦ କିଲୋମିଟର ନିକଟତର ହେବ ଏବଂ ୩୬,୫୦୦ କିଲୋମିଟର ଦୂରକୁ ଯିବ। ଏହା ଆଗାମୀ ଯାତ୍ରା ପାଇଁ ଆବଶ୍ୟକୀୟ ବେଗ ହାସଲ କରିବ। ଏହା ଚନ୍ଦ୍ରର ୧୦୦ କିଲୋମିଟର ଉଚ୍ଚ କକ୍ଷପଥରେ ପହଞ୍ଚିବ। ଚନ୍ଦ୍ରରେ ମଧ ଏଲିପ୍ଟିକାଲ୍(ଦୀର୍ଘ ବୃତ୍ତାକାର) କକ୍ଷପଥ ତିଆରି କରିବା ପରେ ଏକ ସ୍ଥିର ସ୍ଥିତି ହାସଲ କରିବ। ଏହା ପରେ ଚନ୍ଦ୍ରାୟଣ-୩ ଚନ୍ଦ୍ରର ଦକ୍ଷିଣ ପୋଲରେ ଅବତରଣ ପ୍ରକ୍ରିୟା ଆରମ୍ଭ କରିବ। ୧୦ଟି ପର୍ଯ୍ୟାୟରେ ବିଭକ୍ତ ମିଶନ୍ ମୁନ୍: ପ୍ରଥମ ପର୍ଯ୍ୟାୟରେ ଚନ୍ଦ୍ରଯାନ ପୃଥିବୀ ପୃଥିବୀ ପରିକ୍ରମା କରିବା ପରେ ଦ୍ୱିତୀୟ ପର୍ଯ୍ୟାୟରେ ଚନ୍ଦ୍ରମାର ପ୍ରକ୍ଷେପ ପଥରେ ଯାନକୁ ସ୍ଥାନାନ୍ତରଣ କରିବ। ପରବର୍ତ୍ତୀ ସାତଟି ପର୍ଯ୍ୟାୟ ମଧ ଚନ୍ଦ୍ର ଆଧାରିତ। ଏଥିମଧ୍ୟରେ ଚନ୍ଦ୍ରମାର ପରିକ୍ରମା ପଥରେ ପ୍ରବେଶ(ଖଡଓ),ଚନ୍ଦ୍ର ସହିତ ସଂଲଗ୍ନ ହୋଇଥିବା ଯାନର ସ୍ଥାନ ପରିବର୍ତ୍ତନ, ଚନ୍ଦ୍ରପୃଷ୍ଠରେ ଅବତରଣ ପାଇଁ ପ୍ରସ୍ତୁତ ହୋଇଥିବା ମଡ୍ୟୁଲକୁ ପୃଥକ କରିବା, ଡି-ବୁଷ୍ଟ ଯଥା ମଡ୍ୟୁଲର ଗତି ହ୍ରାସ କରିବା, ପ୍ରି-ଲ୍ୟାଣ୍ଡିଂ, ଲ୍ୟାଣ୍ଡିଂ, ଲ୍ୟାଣ୍ଡର୍ ଏବଂ ରୋବରର ସାଧାରଣ ପଦକ୍ଷେପଗୁଡିକ ଅନ୍ତର୍ଭୂକ୍ତ କରାଯାଇଛି। ଦଶମ ଏବଂ ଅନ୍ତିମ ପର୍ଯ୍ୟାୟ ହେଉଛି ପ୍ରୋପଲ୍ସନ୍ ମଡ୍ୟୁଲ୍ ଦ୍ୱାରା ଚନ୍ଦ୍ରର ସାଧାରଣ କକ୍ଷପଥ ପରିକ୍ରମା କରିବା। ସୂଚନାଯୋଗ୍ୟ ଯେ ଏହି ମିଶନରେ କକ୍ଷପଥ ପଠାଯାଇ ନାହିଁ, କିନ୍ତୁ ପ୍ରୋପଲ୍ସନ ମଡ୍ୟୁଲ ଚନ୍ଦ୍ରଠାରୁ ୧୦୦ କିଲୋମିଟର ଉଚ୍ଚରେ କକ୍ଷପଥରେ ରହି ଏହାର ଯନ୍ତ୍ର (ସ୍ପେକ୍ଟ୍ରୋ-ପୋଲାରୋମେଟ୍ରି ଅଫ୍ ହାବିଟେବଲ୍ ପ୍ଲାନେଟାରୀ ଆର୍ଥ) ସହିତ ପୃଥିବୀକୁ ପର୍ଯ୍ୟବେକ୍ଷଣ କରିବ। ଏଥିରୁ ପ୍ରାପ୍ତ ତଥ୍ୟ ପୃଥିବୀ ଏବଂ ଅନ୍ୟାନ୍ୟ ଗ୍ରହ ଅଧ୍ୟୟନ ପାଇଁ ସାହାଯ୍ୟ ହେବ। ଏହା ଦ୍ୱାରା ଜୀବନ ସତ୍ତା ଥିବା ଗ୍ରହଗୁଡିକୁ ଚିହ୍ନଟ କରିବା ସହଜ ହୋଇପାରିବ। ୧୬ ମିନିଟ୍ ପରେ ଅଲଗା ହେବ ପ୍ରୋପଲ୍ସନ୍ ମଡ୍ୟୁଲ୍: ପୃଥିବୀରୁ ଉତକ୍ଷେପଣର ପ୍ରାୟ ୧୬ ମିନିଟ୍ ପରେ, ମିଶନର ପ୍ରୋପଲ୍ସନ୍ ମଡ୍ୟୁଲ୍(ଚଗ) ରକେଟ୍ ଠାରୁ ଅଲଗା ହୋଇ ଚନ୍ଦ୍ରୟାନ୍-୩ ସହିତ ରହିବ ।

## ଛାତ୍ର ସଂସଦ ନିର୍ବାଚନକୁ....

ଏହାଦ୍ୱାରା ଗଣତାନ୍ତିକ ବ୍ୟବସ୍ଥାରେ ଗୋଟିଏ ବିରାଟ ବଡ଼ କ୍ଷତି ହେଉଛି। ଛାତ୍ରମାନେ ଯଦି ତାଙ୍କ ଛାତ୍ର ଜୀବନରୁ ଗଣତନ୍ତ୍ରର ସର୍ବନିମ୍ନ ପଦ୍ଧତି ସମ୍ପର୍କରେ ସଚେତନ ନହେବା, ତାହାହେଲେ ସେମାନେ ଆଗକୁ କେମିତି ଗଣତନ୍ତ୍ର ଦେବାରେ ପାରଙ୍ଗମ ହେବେ ? ତେଣୁ ଆଗାମୀ ଦିନରେ ନେତୃତ୍ୱର ସଙ୍କଟ ଦେଖାଦେବ ବୋଲି ସୌମ୍ୟ ରଞ୍ଜନ ପଟ୍ଟନାୟକ କହିଛନ୍ତି। ସେପଟେ ବିଜେଡି ଫୋକସରେ ଯୁବ ଓ ଛାତ୍ର। ୨୦ ଲକ୍ଷ ନୂଆ ଭୋଟରଙ୍କ ଉପରେ ଦଳର ନଜର। ନିର୍ବାଚନୀ ବର୍ଷରେ ବିଜେଡି ପ୍ରସ୍ତୁତ କରୁଛି ବ୍ଲୁ ପ୍ରିଣ୍ଟ। ଯୁବ ସହ ଛାତ୍ର ବିଜେଡିର କାର୍ଯ୍ୟକାରିଣୀ ମାଧ୍ୟମରେ ସେମାନଙ୍କୁ ସଂଗଠିତ କରାଯାଉଛି। କିନ୍ତୁ ସୌମ୍ୟଙ୍କ କଥାକୁ ବିରୋଧୀ ପୁଣି ଦୋହରାଇଛନ୍ତି। ଛାତ୍ରଙ୍କ ଅଧିକାର ପାଇଁ ଲଢୁଛୁ ବୋଲି କହୁଥିବା ବିଜେଡି ସରକାର, ଛାତ୍ର ସଂସଦ ନିର୍ବାଚନ ୨୦୧୯ରୁ କାହିଁକି କରୁନି ବୋଲି ପଚାରିଛନ୍ତି। ସେପଟେ ପ୍ରତି କ୍ୟାମ୍ପସରେ କମିଟି କରି ଦଳୀୟ ବ୍ୟାନରରେ ଏଣ୍ଟ୍ରାନସଠାରୁ ଆଡମିଶନ୍, ଛାତ୍ରଛାତ୍ରୀଙ୍କ ପାଖରେ ପହଞ୍ଚି କିପରି ନିଜ କ୍ୟାମ୍ପକୁ ଅଣାଯିବ ସେନେଇ ବିଜେଡି ଛାତ୍ର କାର୍ଯ୍ୟକାରିଣୀରେ ମନ୍ତ୍ର ଦିଆଯିବ। ଶାସକ ଦଳ କେବଳ ଭୋଟକୁ ନଜରରେ ରଖି କ୍ୟାମ୍ପସ କମିଟି ଗଠନ କରିଥିବା ବିରୋଧୀ ଏବିଭିପି ଓ ଛାତ୍ର କଂଗ୍ରେସ ଅଭିଯୋଗ କରିଛନ୍ତି। ବିଜେଡି କହିଛି, କ୍ୟାମ୍ପସରେ ସୁରକ୍ଷିତ ବାତାବରଣ ରହିଲେ ସରକାର ଛାତ୍ର ସଂସଦ ନିର୍ବାଚନ ନେଇ ନିଷ୍ପତ୍ତି ନେବେ। ତେବେ ଏଠି ପ୍ରଶ୍ନ ଉଠୁଛି, କ୍ୟାମ୍ପସରେ ଅଶାନ୍ତ ବାତାବରଣ କରୁଛି କିଏ ବିଗତ ଦିନର ଘଟଣାକୁ ନଜର ପକାଇଲେ ଆଙ୍ଗୁଠି ଉଠୁଛି ବିଜେଡି ଆଡ଼କୁ।

## ସୀମା ହାଇଦର ପାକିସ୍ତାନ....

ରୁମ୍‌କୁ ବୁଧବାର ଏମିତି ଏକ ଧମକପୂର୍ଣ୍ଣ ଫୋନ୍ କଲ୍ ଆସିଛି। ଫୋନ୍ କରିଥିବା ବ୍ୟକ୍ତି ଉର୍ଦ୍ଦୁ ଭାଷା କହୁଥିଲେ। ଉକ୍ତ ଅଜଣା ବ୍ୟକ୍ତି କହିଥିଲେ, ସମସ୍ତେ ୨୬/୧୧ ମୁମ୍ବାଇ ଆକ୍ରମଣ ଭଳି ଆଉ ଏକ ଆକ୍ରମଣ ପାଇଁ ପ୍ରସ୍ତୁତ ହୋଇ ରହିଥାଆନ୍ତୁ। ଆଉ ଏଥିପାଇଁ ଉତ୍ତର ପ୍ରଦେଶ ସରକାର ହିଁ ଦାୟୀ ରହିବେ। ମୁମ୍ବାଇ ଟ୍ରାଫିକ କଣ୍ଟ୍ରୋଲ ରୁମ୍ ଏଭଳି ଏକ କଲ୍ ପାଇବା ପରେ ଏହାର ତଦନ୍ତ କରାଯାଉଛି। ମୁମ୍ବାଇ ପୁଲିସ୍ ଓ କ୍ରାଇମ ବ୍ରାଞ୍ଚ ଏହାର ତଦନ୍ତ କରୁଛନ୍ତି। ଯଦିଓ ମୁମ୍ବାଇ ପୁଲିସ୍ କଣ୍ଟ୍ରୋଲ ରୁମ୍ ନିୟମିତ ବ୍ୟବଧାନରେ ଏଭଳି କଲ୍ ପାଏ, ତଥାପି ଏହି ଘଟଣାକୁ ଗୁରୁତ୍ୱର ସହିତ ନେଇଛି ପୁଲିସ୍। ସୀମା ହାଇଦର ପାକିସ୍ତାନର ସିନ୍ଧ୍ ପ୍ରଦେଶର ବାସିନ୍ଦା। ୨୦୧୪ରେ ବିବାହ ପରଠୁ ସେ କରାଚିରେ ରହୁଥିଲେ। ଚଳିତ ମାସ ୪ ତାରିଖରେ ତାଙ୍କୁ ଭାରତରେ ଗିରଫ କରାଯାଇଥିଲା। କାରଣ ସେ ବିନା ଭିସାରେ ନେପାଳ ଦେଇ ଭାରତରେ ପ୍ରବେଶ କରିଥିଲେ। ୨୭ ବର୍ଷୀୟା ସୀମା ଭାରତରେ ଥିବା ତାଙ୍କ ପ୍ରେମିକ ସଚିନଙ୍କ ସହିତ ରହିବାକୁ ଆସିଛନ୍ତି। ସାଙ୍ଗରେ ସେ ତାଙ୍କର ୪ ଛୁଆଙ୍କୁ ମଧ ଆଣିଛନ୍ତି। ଅନ୍ ?ଲାଇନ୍ ଗେମ୍ ଚଟଇଏ ମାଧ୍ୟମରେ ସେମାନେ ପରସ୍ପରକୁ ଜାଣିଥିଲେ। ବେଆଇନ ଭାବେ ଦେଶରେ ପଶିଥିବା ସୀମା ହାଇଦରଙ୍କୁ ଶରଣ ଦେଇଥିବାରୁ ସଚିନଙ୍କୁ ମଧ ଗିରଫ କରାଯାଇଥିଲା। ଜେଲ୍ ?ରୁ ବାହାରିବା ପରେ ସୀମାଙ୍କୁ ଧରି ସଚିନ ଗ୍ରେଟର ନୋଏଡାର ରବୁପୁରା ଅଞ୍ଚଳରେ ରହୁଥିବା ତାଙ୍କ ବାପାମା'ଙ୍କ ଘରକୁ ଆସିଥିଲେ। ସେଠାରେ ସେମାନେ ରହୁଛନ୍ତି। ସୀମାଙ୍କ ଚାରି ଛୁଆ ମଧ ସେଠାରେ ରହୁଛନ୍ତି। ସଚିନ ଓ ସୀମା ନେପାଳରେ ବାହା ହୋଇସାରିଥିବା କହିଛନ୍ତି। ଚଟଇଏ ମାଧ୍ୟମରେ ସଚିନ ଓ ସୀମା ୨୦୧୯ରୁ ପରସ୍ପରର ସଂପର୍କରେ ଥିଲେ। ଧୀରେ ଧୀରେ ସେମାନଙ୍କ ସଂପର୍କ ବଢ଼ିଲା ଓ ଏହା ପ୍ରେମରେ ପରିଣତ ହୋଇଗଲା। ଶେଷରେ ସେମାନେ ଭାରତରେ ଏକାଠି ରହିବାକୁ ନିଷ୍ପତ୍ତି ନେଇଥିଲେ।

## ଦିଲ୍ଲୀ ଦେଖୁଛି ଯମୁନାର....

ଫଳରେ ଦେଖାଦେଇଛି ନାହିଁ ନଥିବା ଟ୍ରାଫିକ୍ ସମସ୍ୟା । ହଜାର ହଜାର ସଂଖ୍ୟାରେ ଗାଡ଼ି ଘଣ୍ଟା ଘଣ୍ଟା ଧରି ରାସ୍ତା ଉପରେ ଅଟକି ରହିଛନ୍ତି। ହରିୟାଣାର ହଥନିକୁଣ୍ଡ ବ୍ୟାରେଜରୁ ଘଣ୍ଟାପ୍ରତି ୧ରୁ ୨ ଲକ୍ଷ କ୍ୟୁସେକ୍ ଜଳ ଛଡାଯାଉଥିବାରୁ ଦିଲ୍ଲୀରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ପରିସ୍ଥିତିର ମୁକାବିଲା ଲାଗି କେନ୍ଦ୍ର ସରକାରଙ୍କ ସହାୟତା ଲୋଡ଼ିଛନ୍ତି ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ । ସେ ଦିଲ୍ଲୀ ସରକାର ଗୃହ ମନ୍ତ୍ରୀ ଅମିତ ଶାହ ଓ ହରିୟାଣା ସରକାରଙ୍କ ସହ ଆଲୋଚନା କରିଛନ୍ତି। ହଥନିକୁଣ୍ଡ ବ୍ୟାରେଜର କିଛି ଗେଟ୍ ବନ୍ଦ କରିବା ପାଇଁ ମୁଖ୍ୟମନ୍ତ୍ରୀ ଚାହୁଁଥିବା ବେଳେ ଉପରମୁଣ୍ଡରେ ବର୍ଷା ହେତୁ ତାହା ସମ୍ଭବ ହୋଇ ପାରୁନି। ଗତ କିଛି ଦିନ ଧରି ଦିଲ୍ଲୀର ଆଖପାଖ ପାହାଡ଼ିଆ ଅଞ୍ଚଳରେ ଲାଗି ରହିଥିବା ବର୍ଷା ଯୋଗୁ ଏହାର ସ୍ଥିତି ସଙ୍ଗୀନ ହେବାରେ ଲାଗିଛି। ଫଳରେ ଦିଲ୍ଲୀ ଆଖପାଖ ସବୁ ଡ୍ୟାମରେ ବିପଦ ସଙ୍କେତ ଉପରେ ପାଣି ପ୍ରବାହିତ ହେଉଛି। ଆଗାମୀ କିଛି ଦିନ ପର୍ଯ୍ୟନ୍ତ ଯମୁନା ନଦୀ ଜଳସ୍ତର କମିବା ପରି ଲାଗୁନି। କାରଣ ଉତ୍ତର ଭାରତର ବହୁ ରାଜ୍ୟରେ ଆହୁରି କିଛି ଦିନ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି। ଏପରି ହେଲେ ସ୍ଥିତି ଅଣାୟତ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ଏପରି ସ୍ଥିତିରେ ଦିଲ୍ଲୀର ଜଳମଗ୍ନ ଅଞ୍ଚଳର ସମସ୍ତ ସ୍କୁଲ, କଲେଜକୁ ବନ୍ଦ କରି ଦିଆଯାଇଛି। ଏପରି ଘଡ଼ିସନ୍ଧି ମୁହୂର୍ତ୍ତରେ ସରକାରଙ୍କ ନିର୍ଦ୍ଦେଶ ମାନିବାକୁ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି। ଏପରି ସମୟରେ ଟ୍ରାଫିକ ପୁଲିସ୍ ଆଡଭାଇଜାରି ଜାରି କରି ପ୍ରତି ମିନିଟ୍‌ର ସୂଚନା ଅପଡେଟ କରୁଛି। ଏଥିସହ ଜଳମଗ୍ନ ଅଞ୍ଚଳରେ ଯିବାକୁ ଲୋକଙ୍କୁ ବାରଣ କରୁଛି।

## ଜୁଲାଇ ୩୧ରେ....

ଦେଇଛନ୍ତି ହାଇକୋର୍ଟ। ମାମଲାର ଶୁଣାଣିରେ ଅହେତୁକ ବିଳମ୍ବକୁ ଦାୟୀ କରି ଭୁବନେଶ୍ୱର ଫାମିଲି କୋର୍ଟକୁ ମାମଲା ସ୍ଥାନାନ୍ତର ପାଇଁ ଅନୁଭବ କରିଥିଲେ ଆବେଦନ। ଅନୁଭବଙ୍କ ଆଇନ୍‌ଜୀବୀ ଲଳିତେନ୍ଦୁ ମିଶ୍ର କହିଛନ୍ତି, ବର୍ଷାଙ୍କୁ ଦୁଇ ଘଣ୍ଟା ଧରି ଜେରା କରାଯିବ। ତା'ର ୪ ସପ୍ତାହ ଭିତରେ ଉଭୟ ପକ୍ଷଙ୍କ ଜବାଲ ସବାଲ କରାଯିବ। ଉଭୟ ପକ୍ଷ ସେମାନଙ୍କ ଯୁକ୍ତି ଉପସ୍ଥାପନ କରିସାରିବା ପରେ ୩ ମାସ ଭିତରେ ମାମଲାର ଅନ୍ତ ଘଟାଇବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶ ମାନି ଦୁଇ ପକ୍ଷ ସହଯୋଗ କଲେ ୩ ମାସରେ ଭିତରେ ମାମଲା ଶେଷ ହୋଇଯିବ ବୋଲି ଶ୍ରୀ ମିଶ୍ର ଆଶା କରିଛନ୍ତି। ଭରଣ ପୋଷଣ ନେଇ ସେ କହିଛନ୍ତି, ପରିବାର ଅଦାଲତରେ ଭରଣପୋଷଣ ନେଇ ବର୍ଷା କୌଣସି ଅଭିଯୋଗ କରିନାହାନ୍ତି। ତେବେ ସେ କରିଥିବା ଘରୋଇ ହିଂସା ମାମଲାରେ ଅନୁଭବ ମାସିକ ୩୦ ହଜାର ଦେଉଛନ୍ତି। ସେହି ଅର୍ଥ ବର୍ଷାଙ୍କ ଆକାଉଣ୍ଟକୁ ଯାଉଛି ବୋଲି ଶ୍ରୀ ମିଶ୍ର କହିଛନ୍ତି।

## ପୁଣି ବଢ଼ିଲା....

ସେହିପରି ରୂପା ଦର ବି ଏବେ ଲମ୍ଫ ଡିଆଁ ମାରିଛି। ରୂପେ କେଜି ପ୍ରତି ଏବେ ୭୩,୯୪୭ ଟଙ୍କାରେ ପହଞ୍ଚିଛି। ଭାରତରେ ସୁନା, ରୂପା ଦର ପ୍ରାୟତଃ ବଦଳୁଥାଏ। ଏହା ମୁଖ୍ୟତଃ ଡଲାରର ମୂଲ୍ୟ ବିନିମୟରେ ଭାରତୀୟ ମୁଦ୍ରା ଉପରେ ନିର୍ଭର କରୁଛି। ନୂଆ ଦିଲ୍ଲୀରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୫୪,୬୦୦ ଟଙ୍କା ଥିବା ବେଳେ ରୂପା ଦର କେଜି ପ୍ରତି ୭୩,୪୦୦ ଟଙ୍କା ରହିଛି। ସେହିପରି ମୁମ୍ବାଇରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୫୪,୪୫୦ ଟଙ୍କା ଥିବା ବେଳେ, କୋଲକତାରେ ବି ସମାନ ରହିଛି। ରୂପା ଦର ନୂଆ ଦିଲ୍ଲୀରେ ଯାହା ଅଛି, ମୁମ୍ବାଇ ଓ କୋଲକତାରେ ବି ସମାନ ରହିଛି। ଚେନ୍ନାଇରେ ୨୨ କ୍ୟାରେଟ ସୁନା ଦର ୧୦ ଗ୍ରାମ ପ୍ରତି ୫୪,୮୨୦ ଟଙ୍କା ଥିବା ବେଳେ ରୂପା ଦର କେଜି ପ୍ରତି ୭୭, ୧୦୦ ଟଙ୍କା ରହିଛି।

## ପୁଲିସ୍‌ର ଲାଠିଚାର୍ଜରେ....

ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ସୁଶୀଲ କୁମାର ମୋଦି। ଅନ୍ୟପକ୍ଷରେ ପାଟନା ମେଡିକାଲ କଲେଜ ହସ୍‌ପିଟାଲ ପକ୍ଷରୁ କୁହାଯାଇଛି ଯେ ବିଜୟ କୁମାର ସିଂହଙ୍କ ଶରୀରରେ କୌଣସି ବାହ୍ୟ ଆଘାତ ନଥିଲା। ହସ୍‌ପିଟାଲରେ ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ଘଟିସାରିଥିଲା। ଶବ ବ୍ୟବଚ୍ଛେଦ ପରେ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଡାକ୍ତରଖାନା କର୍ତ୍ତୃପକ୍ଷ କହିଛନ୍ତି। ବିଜେପି କର୍ମୀଙ୍କ ଉପରେ ଲାଠିଚାର୍ଜ କରାଯାଇଥିବା କଥାକୁ ପୁଲିସ୍ ସ୍ୱୀକାର କରିଛି। ପୁଲିସ୍ କହିଛି ଯେ ଆନ୍ଦୋଳନକାରୀମାନେ ସେମାନଙ୍କ ଉପରକୁ ପଥର ଓ ଲଙ୍କାଗୁଣ୍ଡ ଫୋପାଡ଼ିଥିଲେ। ସେଥିପାଇଁ ସେମାନଙ୍କୁ ଘଉଡ଼ାଇବାକୁ ଲାଠିଚାର୍ଜ, ଲୁହବୁହା ଗ୍ୟାସ ଓ ପାଣିମାଡ଼ ଭଳି ଉପାୟ ଅବଲମ୍ବନ କରିବାକୁ ପଡ଼ିଥିଲା।

ଶୁକ୍ରବାର, ଜୁଲାଇ ୧୪, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ଦରଡା ପ୍ରାଥମିକ ବିଦ୍ୟାଳୟରେ ସୁରେନ୍ଦ୍ରନାଥ ଜେନାସ୍ମୃତି କମିଟି ପକ୍ଷରୁ ବନମହୋତ୍ସବ ଓ ବୃକ୍ଷ ରୋପଣ

ବସ୍ତା , ୧୩/୦୭ (ନି.ପ୍ର): ଆଜିର ଅବକ୍ଷୟ ଦୁନିଆରେ ବୃକ୍ଷ ହିଁ ପ୍ରଦୂଷଣ ମୁକ୍ତ ରେ ସାହାର୍ଯ୍ୟ କରିବା ସହିତ ମାନବସମାଜର ଉପକାରିତା ସାଜିଛି। ବୃକ୍ଷହିଁ ଆମ ସଭିଙ୍କର ଜିବନ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ବସ୍ତାବ୍ଲକ ଦରଡା ପଞ୍ଚାୟତ ଦରଡା ପ୍ରାଥମିକ ବିଦ୍ୟାଳୟ ପରିସରରେ ଗୁରୁବାର ସକାଳେ ବନ ମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଅଛି । ଏନେଇ ବିଦ୍ୟାଳୟ ପରିସର ରେ ଏକ ସଭାର ଆୟୋଜନ ହୋଇଥିଲା ।ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସେଠୀ ସଭାପତିତ୍ୱ କରିଥିଲେ ।ଏହି ଅବସର ରେ ମୂଖ୍ୟ ଅତିଥିଭାବେ ବସ୍ତା ଆଇ ଆଇ ସି ଗୋବିନ୍ଦଚନ୍ଦ୍ର ବେହେରା, ମୂଖ୍ୟବକ୍ତା ସମାଜସେବୀ ପ୍ରଦୀପ ବିଶ୍ୱାଳ, ବିଶିଷ୍ଟ ଅତିଥି ପ୍ରକୃତିବନ୍ଧୁ ଯୁବ ସମାଜସେବୀ ସୁମନ୍ତକୁମାରଜେନା ଯୋଗ ଦେଇ ଆଜିର ଏହି ବନ ମହୋତ୍ସବ ରେ ଉପସ୍ଥିତ ସମସ୍ତ ଅତିଥି ସମେତ ସମସ୍ତେ ନିଜନିଜର ବାଡି ବଗିଚାରେ ବୃକ୍ଷ ରୋପଣ କରି ପରିମଳ ସ୍ୱଚ୍ଛତା ରକ୍ଷାକରନ୍ତୁ ବୋଲି ନିବେଦନକରିଥିଲେ ।ସମ୍ମାନୀତ ଅତିଥି ସିଆର ସି ସି ହରିପ୍ରିୟା ବିଶ୍ୱାଳ, ସଂଯୋଜକ ଭାଗିରଥି ପ୍ରଧାନ, ସାମାଜସେବକରବିନ୍ଦ୍ର ସତପେଥି.ଅନ୍ତର୍ଯ୍ୟାମିସେଠୀ. ପରିଚାଳନାକମିଟି ସଭାପତି ଶିକ୍ଷକ ରାଜେଶ ମଲ୍ଲୀକ. ପ୍ରଦୀପ କୁମାର ନାଥ.ପ୍ରଣଇ କୁମାର ବେହେରା.ସୁରେନ୍ଦ୍ରନାଥ ସ୍ମୃତିକମିଟିର ସଦସ୍ୟ ଉପସ୍ଥିତ ରହି ବିଭିନ୍ନ ପ୍ରଜାତି ଗଛ ଚାରା ରୋପଣ କରିଥିଲେ ।ନଗେନ୍ଦ୍ର ବେହେରା ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ । ।




# ମହରମ୍ ପର୍ବ ପାଇଁ ପ୍ରଶାସନିକ ପ୍ରସ୍ତୁତି ବୈଠକ



ଭଦ୍ରକ , ୧୩/୦୭ (ନି.ପ୍ର): ମହରମ୍ ପର୍ବ ପାଳନ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜିଲ୍ଲା ସଂସ୍କୃତି ଭବନ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଭଦ୍ରକ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଏସ୍.ପି. ବରୁଣ ଗୁଣ୍ଟୁପାଲ୍ଲି, ଦୁଇ ଅତିରିକ୍ତ ଜିଲ୍ଲାପାଳ ରାମଦାସ ଟୁଡୁ ଏବଂ ଶାନ୍ତନୁ କୁମାର ମହାନ୍ତି, ଉପଜିଲ୍ଲାପାଳ ମନୋଜ ପାତ୍ର, ସହକାରୀ ଜିଲ୍ଲାପାଳ କାର୍ତ୍ତିକ ନାଥ ମଣ୍ଡଳ ପ୍ରମୁଖ ଯୋଗ ଦେଇଥିଲେ । ମୁସଲିମ୍ ଜମାତର ସମ୍ପାଦକ ମହରମ ପର୍ବ ପାଳନର କାର୍ଯ୍ୟସୂଚୀ,ଶୋଭାଯାତ୍ରା ଆଦି ସମ୍ବନ୍ଧରେ ବୈଠକରେ ଉପସ୍ଥାପନ ଆଧାରରେ ପ୍ରଶାସନିକ ସହଯୋଗ, ପୋଲିସ୍ ବ୍ୟବସ୍ଥା ଆଦି ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସୂଚନା ଯୋଗ୍ୟକି ଜୁଲାଇ ୨୦ ରୁ ଜୁଲାଇ ୧୯ ପର୍ଯ୍ୟନ୍ତ ୧୦ ଦିନ ଧରି ଏହି ପର୍ବ ପାଳନ ନେଇ ସ୍ଥିର କରାଯାଇଛି । ୧୯ ତାରିଖ ସନ୍ଧ୍ୟାରେ ମହରମ୍ ମାସ ଚନ୍ଦ୍ର ଦର୍ଶନ ପର ଠାରୁ ୨୯ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ସାହି ଓ ମସ୍‌ଜିଦ୍‌ମାନଙ୍କରେ ସନ୍ଧ୍ୟା ୭ ରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ପ୍ରାର୍ଥନା ସଭା, କରବଲା ବିବରଣୀ ପାଠ ଆଦି କରାଯିବ । ୨୫ କିମ୍ବା ୨୬ ଜୁଲାଇରେ ଦିବା ୧୧ ଟାରୁ ରାତ୍ର ୮ଟା ପର୍ଯ୍ୟନ୍ତ ମିର୍ଜାପୁର, ନଙ୍ଗାମହଲା, ସାନ ଶଙ୍କରପୁର, ଦର୍ଜିପଟି ଠାରେ ସ୍ୱତନ୍ତ୍ର ଫାତେହା ଏବଂ ଭୋଗ ବିତରଣ କାର୍ଯ୍ୟକ୍ରମ କରାଯିବ । ୨୭ କିମ୍ବା ୨୮ରେ ଦିବା ୩ଟାରୁ ସନ୍ଧ୍ୟା ୭ଟା ଯାଏ କେତେକ ବସ୍ତି ଶୋଭାଯାତ୍ରାରେ ବାହାରି ଭୋଗ ଲାଗି ପାଇଁ ସରକାର ନଗର ଯିବେ । ୨୮ କିମ୍ବା ୨୯ରେ ଅହରାହ୍ନ ୪ଟାରୁ ରାତ୍ର ୧୦ଟା ପର୍ଯ୍ୟନ୍ତ ପୁରୁଣା ବଜାର-ବାଙ୍କା ବଜାର ରାସ୍ତାରେ ୨୮ଟି ତାଜିଆ ଶଙ୍କରପୁର ଚନ୍ଦନବଜାର ରାସ୍ତାରେ ୭ଟି ତାଜିଆ, କଚେରୀ-ନଙ୍ଗାମହଲା-କୁଆଁସ ରାସ୍ତାରେ ୬ଟି ତାଜିଆ ଶୋଭାଯାତ୍ରାରେ ସାମିଲ ହେବ ଓ ଧର୍ମସଭା ଅନୁଷ୍ଠିତ ହେବା ସମ୍ବନ୍ଧରେ ସୂଚନା ଦିଆଯାଇଥିଲା । ଏହି ଶୋଭାଯାତ୍ରା ପାଇଁ ଆବଶ୍ୟକ ହେଉଥିବା ରାସ୍ତା ମରାମତି, ଗଛ ଡ଼ାଳ କଟାଯିବା, ବିଦ୍ୟୁତ ତାର ଟେକାଯିବା ଆଦି ଆବଶ୍ୟକୀୟ ପଦକ୍ଷେପ ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ଶୋଭାଯାତ୍ରା ଆରମ୍ଭ କରାଯିବା, ତାଜିଆକୁ ବହୁତ ଉଚ୍ଚ ନକରିବା, ନିୟମ ମୁତାବକ ଡାକବାଜି ଶବ୍ଦର ମାତ୍ରା ବ୍ୟବହାର କରାଯିବା, ଶୋଭାଯାତ୍ରା ପଥରେ ଭାରୀ ଯାନ ଚଳାଚଳ ନିଷେଦ୍ଧ ରହିବା ଆଦି ଦିଗରେ ପଦକ୍ଷେପ ନିଆଯିବା ସହିତ ପୂର୍ବ ବର୍ଷ ପରି ପୋଲିସ୍ ମୂତୟନ କରାଯିବା ନେଇ ଏସ୍.ପି. ପ୍ରକାଶ କରିଥିଲେ । ଭାଇଚାରାର ପର୍ବ ମହରମ୍ ଶାନ୍ତି ଶୃଙ୍ଖଳାର ସହିତ ସମାପନ ହେବ ବୋଲି ବୈଠକରେ ଉପସ୍ଥିତ ହିନ୍ଦୁ ସୁରକ୍ଷା ସମିତି ଓ ମୁସଲିମ୍ ଜମାତ୍‌ର କର୍ମକର୍ତ୍ତା ଓ ଅନ୍ୟ ସଦସ୍ୟମାନେ ପ୍ରକାଶ କରିଥିଲେ । ସଂପୃକ୍ତ ପୋଲିସ୍ ଓ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ ।

# ବାରିପଦା କ୍ଷୁଦ୍ର ଜଳସେଚନ ବିଭାଗ ଅଫିସରେ ଭଞ୍ଜସେନାର ବିକ୍ଷୋଭ

ବାରିପଦା , ୧୩/୦୭ (ନି.ପ୍ର): ବାରିପଦା କ୍ଷୁଦ୍ର ଜଳସେଚନ ବିଭାଗର ଦୂରଦୃଷ୍ଟି ଅଭାବଯୋଗୁଁ ବାରିପଦା ସହରାଞ୍ଚଳରେ କୃତ୍ରିମ ବନ୍ୟା ସହ ମଶାର ପ୍ରଚୁର ପ୍ରାଦୁର୍ଭାବ ଦେଖାଦେଇଛି ମାତ୍ର ବିଭାଗ ଜନହିତ କାର୍ଯ୍ୟରେ ନିଦାବିଷ୍ଟ ସାଜି ବସିଥିବା ବେଳେ ଠିକାଦାର ପ୍ରୀତିକୁ ଅଧିକ ପ୍ରାଥମିକତା ଦେଉଛନ୍ତି । ଫଳରେ ସାଧାରଣଜନତା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ଏପରିକି ସାମାନ୍ୟ ଟିକେ ବର୍ଷାରେ ମଧ୍ୟ ସହରର ଅନେକ ସ୍ଥାନରେ କୃତ୍ରିମ ବନ୍ୟାର ପରିସ୍ଥିତି ସୃଷ୍ଟି ସହିତ ନାଳ ନର୍ଦ୍ଦମା ପାଣି ଲୋକଙ୍କ ଘରେ ଓ ଦୋକାନ ବଜାରରେ ପଶୁଛି । ଏହି ପାଣି ଅନେକ ସ୍ଥାନରେ ଜମି ରହିବାରୁ ମଶାବଂଶ ବୃଦ୍ଧି ପରେ ପ୍ରାଦୁର୍ଭାବ ମଧ୍ୟ ବଢ଼ି ଚାଲିଛି. ବାରିପଦା ସହର ମଧ୍ୟରେ ଯାଇଥିବା ନଦୀ ନାଳ ଗୁଡିକରୁ ଦୀର୍ଘ ୮ ବର୍ଷରୁ ଉର୍ଦ୍ଧ୍ୱ ହେଲାଣି ପଙ୍କ ଉଦ୍ଧାର ଓ ଦଳ ସଫେଇ ନହେବା ସହିତ ନଦୀର ଉଭୟ ପାର୍ଶ୍ୱକୁ ପଥର ପ୍ୟାକିଙ୍ଗ ନହେବା ଦ୍ୱାରା ଛୋଟ ଛୋଟ ବର୍ଷାରେ ପାଣି ନିଷ୍କାସନ ନହୋଇ ବନ୍ୟାର ପରିସ୍ଥିତି ସୃଷ୍ଟି ହେଲାଣି । ପୁଣି ଠିକାଦାରଙ୍କ ପ୍ରତି ଅହେତୁକ ଅନୁକମ୍ପା ଯୋଗୁଁ ବାରିପଦା ସହର, ଶ୍ୟାମାଖୁଣ୍ଟା ବ୍ଲକ, ଖୁଣ୍ଟା ବ୍ଲକ ଏରିଆରେ ବାରିପଦା କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ ହେଉ ଥିବାର ଅଭିଯୋଗ କରି ଆଜି ଭଂଜସେନା ପକ୍ଷରୁ ଜିଲ୍ଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଆଜି ସର୍ବପ୍ରଥମେ ବାରିପଦା ସ୍ଥିତ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା ଏବଂ ପରେ ଯାଇ ମୟୁରଭଞ୍ଜ ଜିଲ୍ଲାପାଳଙ୍କ ଉଦ୍ଦ୍ୟେଶରେ ନିମ୍ନଲିଖିତ ଦାବୀ ଗୁଡିକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ କୁମାର ଅଗ୍ରୱାଲାଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବୀ ଗୁଡିକ ମଧ୍ୟରେ ଯୁଧକାଳୀନ ଭିତ୍ତିରେ ବାରିପଦା ସହର ମଧ୍ୟରେ ଯାଇଥିବା ନଦୀ ନାଳ ଗୁଡ଼ିକରୁ ପଙ୍କ ଉଦ୍ଧାର ସହିତ ଦଳ ସଫେଇ କାର୍ଯ୍ୟ କରାଯିବା, ନଦୀ ନାଳ ଗୁଡିକର ଉଭୟ ପାର୍ଶ୍ୱରେ କଂକ୍ରିଟ ୱାଲ ବଦଳରେ ପଥର ପ୍ୟାଙ୍କି କରାଯିବା, ବାରିପଦା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ବାରିପଦା ସହର, ଶ୍ୟାମାଖୁଣ୍ଟା ବ୍ଲକ ଓ ଖୁଣ୍ଟା ବ୍ଲକରେ ହୋଇଥିବା ନିମ୍ନମାନର କାର୍ଯ୍ୟ, କାର୍ଯ୍ୟ ନହୋଇ ଉଠିଥିବା ବିଲ ଏବଂ ଅନ୍ୟାନ୍ୟ ଅସାଧୁ କାର୍ଯ୍ୟ ଏବଂ ଏହିଭଳି ବେନିୟମ କାର୍ଯ୍ୟକୁ ସମର୍ଥନ ଦେଇଥିବା କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଧାରା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରାଯିବା ଇତ୍ୟାଦି ଦାବୀ କରାଯାଇଛି।

# ଟ୍ରେନ୍ ଆଗକୁ ଡେଇଁ ବିବାହିତା ମହିଳାଙ୍କ ଆତ୍ମହତ୍ୟା

ଜଳେଶ୍ୱର , ୧୩/୦୭ (ନି.ପ୍ର): ଜଳେଶ୍ୱର ବ୍ଲକର ଶ୍ରୀରାମପୁର ଗ୍ରାମର ଜଗନ ମଲ୍ଲିକଙ୍କ ସ୍ତ୍ରୀ ସୁରମା ମଲ୍ଲିକ (୨୨) ବୁଧବାର ସଂଧ୍ୟାରେ ଟେନ୍ ଆଗକୁ ଡେଇଁ ମୃତ୍ୟୁବରଣ କରିଛି। ଏ ସଂପର୍କରେ ବାପଘର ଲୋକେ ଯୌତୁକ ନିର୍ଯ୍ୟାତନାରେ ଝିଅ ଆତ୍ମହତ୍ୟା କରିଥିବା ଥାନାରେ ଅଭିଯୋଗ କରିଛନ୍ତି । ଘଟଣାରୁ ପ୍ରକାଶ ଶ୍ରୀରାମପୁର ଗ୍ରାମର ଜଗନ ମଲ୍ଲିକ ଦେଢବର୍ଷ ତଳେ ବସ୍ତା ଥାନା ଅନ୍ତର୍ଗତ କୁଣ୍ଡଳି ଗ୍ରାମର ସୁରମା ମଲ୍ଲିକକୁ ବିବାହ କରିଥିଲେ । ଯୌତୁକ ଲାଗି ଶାଶୁଘର ଲୋକେ ତାକୁ ନିର୍ଯ୍ୟାତନା ଦେଇ ଆସୁଥିବା ବେଳେ ସ୍ୱାମୀ ମଧ୍ୟ ସବୁବେଳେ ମାରଧର କରୁଥିବା ଅଭିଯୋଗ ହୋଇଛି । ସୁରମାର ବାପା ଗରିବ ହୋଇଥିବାରୁ ଯୌତୁକ ଦେବାରେ ଅସମର୍ଥ ହୋଇଥିଲେ । ବୁଧବାର ସଂଧ୍ୟାରେ ସୁରମା କଟକ ଯିବାପାଇଁ ଶାଶୁ, ଶଶୁରଙ୍କ ସହିତ ଜଳେଶ୍ୱର ଷ୍ଟେସନକୁ ଆସିଥିବା ବେଳେ ସେ ଟ୍ରେନ୍ ସମ୍ମୁଖକୁ ଡେଇଁ ପଡିଥିଲେ । ଶାଶୁଘର ଲୋକେ ସୁପରିକଳ୍ପିତ ଭାବେ ଟ୍ରେନ୍ ଆଗକୁ ଠେଲି ମାରିଦେଇଥିବା ବାପଘର ଲୋକେ ଜଳେଶ୍ୱର ଥାନାରେ ଅଭିଯୋଗ କରିଛନ୍ତି । ସେ ୭ ମାସର ଗର୍ଭବତୀ ଥିବା ବେଳେ ରେଳବାଇ ପୁଲିସ୍ ଶବ ଜବତ୍ କରି ତଦନ୍ତ ଜାରୀ ରଖିଛି ।

# ଜିଲ୍ଲାପାଳଙ୍କ ଦ୍ୱାରା ଭୂମି ଅଧିକାର ପ୍ରମାଣପତ୍ର ବଣ୍ଟନ

ନୀଳଗିରି , ୧୩/୦୭ (ନି.ପ୍ର): ସହରାଞ୍ଚଳ ଭୂମିହୀନ ପରିବାରକୁ ସରକାର ଜାଗାମିଶନ ଜରିଆରେ ବସ୍ତି ବାସିନ୍ଦାଙ୍କୁ ଭୂମୀ ଅଧିକାର ପ୍ରମାଣ ପତ୍ର ବଣ୍ଟନ କରିଛନ୍ତି। ଏହି କ୍ରମରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ୨୨ଗୋଟି ବସ୍ତିର ୧୦୯୬ ଘର ଚିହ୍ନଟ କରାଯାଇଛି। ଗୁରୁବାର ଡାକବଙ୍ଗଳା ଠାରେ ଦିନ ୧୧ଘଟିକା ସମୟରେ ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେଙ୍କ ଦ୍ୱାରା ଶୁଭାରମ୍ଭ କରାଯାଇ ଭୂମୀ ଅଧିକାର ପ୍ରମାଣ ପତ୍ର ବଣ୍ଟନ କରାଯାଇଛି। ମୋଟ ୬୫୭ ଗୋଟି ପରିବାରକୁ ପ୍ରଥମ ପର୍ଯ୍ୟାୟରେ ଅନୁମୋଦନ କରାଯାଇ ସେଥି ମଧ୍ୟରୁ ୧୧୭ଗୋଟି ପ୍ରମାଣପତ୍ର ଜିଲ୍ଲାପାଳ ନିଜେ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଳିକ, ତହସିଲଦାର ରଞ୍ଜନ ବେହେରା, ବିଡ଼ିଓ ରାହୁଲ ମଣ୍ଡଳ, ନଗରପାଳ ଅମ୍ବିକା ଦାସ, ଉପ ନଗରପାଳ ମହେନ୍ଦ୍ର ବେହେରା, ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଅକ୍ଷୟ ବଡୁ, କନିଷ୍ଠ ଯନ୍ତ୍ରୀ ବୁଧୁରାମ ସିଂ, ସିଟି ମିଶନ ମ୍ୟାନେଜର ଶିବାଜୀ ଦେ, କମ୍ୟୁନିଟି ଅର୍ଗନାଇଜର ସଂଗୀତା ପାଣିଗ୍ରାହୀ, ଆଇ. ଇ (ମୁକ୍ତା) ଶୁଭ୍ର ଶୋଭନ ସାହୁଙ୍କ ସମେତ ସମସ୍ତ କାଉନସିଲର ଉପସ୍ଥିତ ଥିଲେ। ଆଜିର ଏହି କାର୍ଯ୍ୟ କ୍ରମରେ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ୨୨ଗୋଟି ବସ୍ତି ମଧ୍ୟରୁ ୧୭ଗୋଟି ବସ୍ତିର ପ୍ରାୟ ୧୭୦ଜଣ ଲୋକ ଉପସ୍ଥିତ ଥିଲେ। ପରେ ଜିଲ୍ଲାପାଳ ବସ୍ତି ଗୁଡ଼ିକୁ ଯାଇ ଲୋକମାନଙ୍କ ସହିତ ଆଲୋଚନା କରିଥିଲେ। ଜାଗାମିଶନ ଜରିଆରେ ଏହି ଭୂମୀ ଅଧିକାର ପ୍ରମାଣ ପତ୍ର ମିଳିବା ପରେ ନାନା ଅସୁବିଧାରେ ସମ୍ମୁଖୀନ ହେଉଥିବା ପରିବାର ସମସ୍ତ ସୁବିଧା ସୁଯୋଗ ପାଇପାରିବେ।




# ବାଙ୍କୀସାହି ପୋଖରୀରେ ବିଷ ପକାଇ ମାଛ ମାରିଦେଲେ ଦୁର୍ବୃତ୍ତ



ନୀଳଗିରି , ୧୩/୦୭ (ନି.ପ୍ର): ନୀଳଗିରି ବ୍ଲକ୍ ଗରଡିହି ପଞ୍ଚାୟତ ବାଙ୍କୀସାହି ଗ୍ରାମରେ ଥିବା ଏକମାତ୍ର ପୋଖରୀରେ ବିଷ ପ୍ରୟୋଗ କରିବାଦ୍ୱାରା ପୋଖରୀରେ ଥିବା ସମସ୍ତ ମାଛ ମରିଯାଇଥିବା ଦେଖିବାକୁ ମିଳିଛି। ସୂଚନା ଅନୁଯାଇ ଗୁରୁବାର ସକାଳେ ବାଙ୍କିସକ୍ଷହି ଗ୍ରାମର କିଛି ମହିଳା ପୋଖରୀକୁ ଯାଇ ମାଛ ମରିଥିବା ଦେଖି ଗ୍ରାମର ଲୋକମାନଙ୍କୁ ଜଣାଇଥିଲେ। କିଛି ମାସ ପୂର୍ବରୁ ୧୫ହଜାର ଟଙ୍କାରେ ମାଛ ଯାଆଁଳା ଛଡାଯାଇଥିଲା। ଏହା ଗ୍ରାମ କମିଟି ଦ୍ୱାରା ଚାଷ କରାଯାଇଥିବା ବେଳେ କେହି ଖଳ ପ୍ରକୃତିର ଲୋକ ହିଂସା ପରାୟଣ ହୋଇ ଏଭଳି କରିଥିବା ଆଶଙ୍କା କରାଯାଇଛି। ଗତ ୫ମାସ ତଳେ କାକୁଡିପାଳ ଗ୍ରାମର ସନ୍ତୋଷ ରାଉତ ଓ ରାଜେଶ ବେହେରା ଉକ୍ତ ପୋଖରୀରେ ମାଛ ଧରୁଥିବା ବେଳେ ଗ୍ରାମବାସୀ ମାନେ ଧରି ବରହମପୁର ଥାନାରେ ଅଭିଯୋଗ ପରେ ଥାନାବାବୁଙ୍କ ଉପସ୍ଥିତିରେ ୨ହଜାର ଟଙ୍କା ଦେଇ ସମାଧାନ ହୋଇଥିଲା। ତେବେ ଆଜିର ଘଟଣାରେ ଉପରୋକ୍ତ ଦୁଇଜଣ ଆକ୍ରୋଶ ମୂଳକ ଭାବେ ଏପରି କରିଥାଇ ପାରନ୍ତି। ଏନେଇ ଆଜି ଗ୍ରାମବାସୀଙ୍କ ତରଫରୁ ଏକ ଲିଖିତ ଏତଲା ବରହମପୁର ଥାନାରେ ଅଭିଯୋଗ କରାଯାଇଛି।


# ସୁରେନ୍ଦ୍ରନାଥ ଜେନା ସ୍ମୃତି କମିଟି ଦ୍ୱାରା ବନ ମହୋତ୍ସବ ଓ ବୃକ୍ଷ ରୋପଣ



ଲଙ୍ଗଳେଶ୍ୱର , ୧୩/୦୭ (ନି.ପ୍ର): ଅବକ୍ଷୟ ମୁଖୀ ପରିବେଶକୁ ଠିକଣା ଢଙ୍ଗରେ ଗଢ଼ିତୋଳି ଭବିଷ୍ୟତ ବଂଶଧରଙ୍କ ପାଇଁ ସନ୍ତୁଳିତ ସବୁଜ ପରିବେଶ ସୃଷ୍ଟି କରିବା ଆମ୍ଭମାନଙ୍କ କର୍ତ୍ତବ୍ୟ। ପୃଥିବୀ ଉତ୍ତପ୍ତ କଡ଼େଇରେ ଭାଜି ହେଉଛି, ପରିବେଶ ଅବକ୍ଷୟ ହିଁ ଏହାର ମୁଖ୍ୟ କାରଣ, ଏଥିପାଇଁ ବୃକ୍ଷରୋପଣ ହିଁ ଏକମାତ୍ର ମାଧ୍ୟମ ଏଣୁ ବିଦ୍ୟାର୍ଥୀମାନେ ନିଜକୁ ବୃକ୍ଷ ରୋପଣ କାର୍ଯ୍ୟରେ ନିୟୋଜିତ କରିବାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ବସ୍ତା ବ୍ଲକ୍ ଦରଡ଼ା ପଞ୍ଚାୟତ ଦରଡ଼ା ପ୍ରାଥମିକ ବିଦ୍ୟାଳୟ ପରିସରରେ ସୁରେନ୍ଦ୍ର ନାଥ ଜେନା ସ୍ମୃତି କମିଟୀ ଦ୍ୱାରା ଗୁରୁବାର ପୂର୍ବାହ୍ନରେ ଆୟୋଜିତ ବନ ମହୋତ୍ସବ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅବସରରେ ଯୋଗଦାନ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ଏନେଇ ବିଦ୍ୟାଳୟ ପରିସର ରେ ଏକ ସଭାର ଆୟୋଜନ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷକ ଅକ୍ଷୟ କୁମାର ସେଠୀ ସଭାପତିତ୍ୱ କରିଥିଲେ । ଏହି ଅବସର ରେ ମୁଖ୍ୟ ଅତିଥିଭାବେ ବସ୍ତା ଆଇ ଆଇ ସି ଗୋବିନ୍ଦଚନ୍ଦ୍ର ବେହେରା, ମୁଖ୍ୟବକ୍ତା ସମାଜସେବୀ ପ୍ରଦୀପ ବିଶ୍ୱାଳ, ବିଶିଷ୍ଟ ଅତିଥି ପ୍ରକୃତିବନ୍ଧୁ ଯୁବ ସମାଜସେବୀ ସୁମନ୍ତ କୁମାର ଜେନା ଯୋଗ ଦେଇ ଆଜିର ଏହି ବନ ମହୋତ୍ସବ ରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଶିକ୍ଷକ ଓ କର୍ମଚାରୀ ବୃନ୍ଦଙ୍କୁ ବୃକ୍ଷର ମହତ୍ତ୍ୱ ଓ ବିଶ୍ୱତାପନ ଉପରେ ଅବଗତ କରାଇ ସମସ୍ତଙ୍କୁ ବୃକ୍ଷରୋପଣ ଓ ତାର ଯତ୍ନ କରି ମହତ୍ କାର୍ଯ୍ୟରେ ନିଜକୁ ନିୟୋଜିତ କରିବା ପାଇଁ ଆହ୍ୱାନ ଦେଇଥିଲେ ।ସମ୍ମାନୀତ ଅତିଥି ସିଆର ସି ସି ହରିପ୍ରିୟା ବିଶ୍ୱାଳ. ସଂଯୋଜକ ଭାଗିରଥି ପ୍ରଧାନ. ସାମ୍ବାଦିକ ରବିନାରାୟଣ ସତପଥି, ଅନ୍ତର୍ଯ୍ୟାମିସେଠୀ, ପରିଚାଳନା କମିଟି ସଭାପତି ଶିକ୍ଷକ ରାଜେଶ ମଲ୍ଲୀକ. ପ୍ରଦୀପ କୁମାର ନାଥ , ପ୍ରଣଇ କୁମାର ବେହେରା, ସୁରେନ୍ଦ୍ରନାଥ ସ୍ମୃତିକମିଟିର ସଦସ୍ୟ ବିଶ୍ୱଜିତ୍ ମୁଦୁଲି, ମୃତ୍ୟୁଞ୍ଜୟ ଜେନା, ଚନ୍ଦ୍ରମୋହନ ସାହୁ ଉପସ୍ଥିତ ରହି ଶତାଧିକ ବିଭିନ୍ନ ପ୍ରଜାତିର ଗଛ ଚାରା ରୋପଣ କରିଥିଲେ । ନଗେନ୍ଦ୍ର ବେହେରା ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମ ସାଙ୍ଗ କରିଥିଲେ ।

# ରଘୁନାଥ ଜୀଉ ମଠ ଓ ମହାରାଣୀ ଧର୍ମଶାଳାର ସୁରକ୍ଷା ଏବଂ ବିକାଶ ପାଇଁ ଦାବି

ବାରିପଦା , ୧୩/୦୭ (ନି.ପ୍ର): ରାଜା ରାଜୁଡା ଅମଳରୁ ବାରିପଦାରେ ଥିବା ଐତିହାସିକ ରଘୁନାଥ ଜିଉ ମଠ ଓ ମହାରାଣୀ ଧର୍ମଶାଳା ଏବେ ଅବହେଳିତ ହୋଇ ରହିବା ସହ ଜବର ଦଖଲ ହେବାରେ ଲାଗିଛି. ଯାହାର ସୁରକ୍ଷା ଏବଂ ବିକାଶ କାର୍ଯ୍ୟ ନେଇ ବାରିପଦା ଉପଜିଲ୍ଲାପାଳ ତଥା ଦେବତ୍ତର ନିର୍ବାହୀ ଅଧିକାରୀଙ୍କୁ ବିଭିନ୍ନ ଧାର୍ମିକ ଓ ହିନ୍ଦୁ ସଙ୍ଗଠନ ପକ୍ଷରୁ ରଘୁନାଥ ଜିଉ ମଠ ଓ ମହାରାଣୀ ଧର୍ମଶାଳାର ସୁରକ୍ଷା ଏବଂ ବିକାଶ କାର୍ଯ୍ୟ ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ରାଜାରାଜୁଡା ଅମଳରୁ ବହୁ ପୁରାତନ ଐତିହ ବହନ କରିଥିବା ବାରିପଦାର ରଘୁନାଥ ଜିଉ ମଠକୁ ଜବରଦଖଲ କରିବା ଉଦ୍ୟମ ହୋଇଛି । ବାରିପଦା ପୌରପରିଷଦ ପକ୍ଷରୁ ମଧ୍ୟ ଜନକଲ୍ୟାଣକାରୀ ଯୋଜନା କାର୍ଯ୍ୟ କାରି କରିବା ବେଳକୁ ସୀମା ନିର୍ଦ୍ଧାରଣ ହୋଇ ପାରୁନାହିଁ । ଯାହାକି ଅସୁବିଧାର କାରଣ ସାଜୁଛି । ସେହିପରି ମହାରାଣୀ ଧର୍ମଶାଳାଟି ବର୍ତ୍ତମାନ ସମୟରେ ବ୍ୟବସାୟୀ କରଣ କରି ମଣ୍ଡପ ଭାବେ କାର୍ଯ୍ୟରେ ଲାଗୁଛି । ସହର ବାହାରୁ ଆସୁଥିବା ଅତିଥି, ସାଧୁସନ୍ଥ, ଗରିବ ନିରାଶ୍ରୟ ମାନେ ଏଠାରେ ତିନିଦିନ ନିଶୁଳ୍କରେ ରହି ଜଗନ୍ନାଥ ମନ୍ଦିରରେ ପ୍ରସାଦ ସେବନ କରୁଥିଲେ । ଯାହାକି ମୟୁରଭଞ୍ଜ ମହାରାଜାଙ୍କ ଅତିଥି ପରାୟଣତାର ଏକ ନିଦର୍ଶନ ଥିଲା । ମାତ୍ର ଏବେ ଏହି ଧର୍ମଶାଳା ରେ ଅତିଥି ମାନଙ୍କ ନିଶୁଳ୍କ ରହବାର କୌଣସି ବ୍ୟବସ୍ଥା ନାହିଁ । ତେଣୁକରି ଏଥିପ୍ରତି ଦୃଷ୍ଟି ଦେଇ ପୌରପରିଷଦ ଓ ଦେବୋତର ବିଭାଗ ଉପସ୍ଥିତିରେ ଜବରଦଖଲ ମୁକ୍ତ କରି ଏହି ଐତିହାସିକ ସ୍ଥଳର ବିକାଶ କରିବାକୁ ଦାବି ହୋଇଛି ।



**SUBARNAREKHA MAHAVIDYALAYA**
**BALIAPAL, BALASORE**

**TENDER CALL NOTICE**

Sealed tenders in the prescribed format are invited from registered firms/ Dealers/ Suppliers having valied GST registration, PAN & IT clearance for supply of laboratory equipments to the college so as to reach the undersigned through Registered POST/ Speed POST/ Courier / By hand latest by 5:00P.M on or before 21.07.2023. The tender paper available in the college office. The undersigned reserves the right to accept or reject any or all bids or parts without assigning any reason what-so-ever.

Sd/- Principal

# କରମଣ୍ଡଳରୁ ଖସି ଯୁବକ ଗୁରୁତର ଆହତ

ବସ୍ତା, ୧୩/୦୭ (ନି.ପ୍ର): ପିଛା ଛାଡୁନି କରମଣ୍ଡଳ । ବାହାନଗା ଦୁର୍ଘଟଣାର ଭୟ ସମସ୍ତଙ୍କ ମନରୁ ଲିଭିନଥିଲା ବେଳେ । କରମଣ୍ଡଳ ଏକ୍ସପ୍ରେସରୁ ଖସି ପଡ଼ି ଜଣେ ଯାତ୍ରୀ ଗୁରୁତର ଆହତ ହୋଇଥିବା ଦେଖିବାକୁ ମିଳିଛି । ବାଲେଶ୍ୱର ଜିଲ୍ଲା ଦକ୍ଷିଣ ପୂର୍ବ ରେଳବାଇ ରେ ଦେଖିବାକୁ ମିଳିଛି ଏଭଳି ଅଭାବନୀୟ ଦୃଶ୍ୟ । ଆହତ ଯାତ୍ରୀ ଜଣକ ହେଲେ ପଶ୍ଚିମବଙ୍ଗ ରାଜ୍ୟର ଅବଦୁଲ କୁଦୁଶ । ଆହତ ଯୁବକକୁ ବର୍ତମାନ ବସ୍ତା ହସ୍ପିଟାଲରେ ଚିକିତ୍ସିତ କରାଯାଉଛି। ଘଟଣାରୁ ପ୍ରକାଶ ଆଜି ସକାଳୁ କରମଣ୍ଡଳ ଏକ୍ସପ୍ରେସରେ ଚେନ୍ନାଇରୁ ନିଜ ଘରକୁ ପଶ୍ଚିମବଙ୍ଗର ମିର୍ଶିଦାବାଦ ଫେରୁଥିବା ବେଳେ ବସ୍ତା ଥାନା ଅର୍ନ୍ତଗତ ଟିକରାପଡା ଗେଟ ନିକଟରେ ଜଣେ ଯାତ୍ରୀ ଖସି ପଡ଼ିଥିଲେ ଟ୍ରେନ ଲୋକେ ଚିତ୍କାର କରି ଟ୍ରେନ୍‌କୁ ଅଟକାଇ ଗୁରୁତର ଆହତ ଯୁବକକୁ ବସ୍ତା ଷ୍ଟେସନ ନେଇଥିଲେ ପରେ ବସ୍ତା ଅଗ୍ନିଶମ ଗାଡ଼ିରେ ବସ୍ତା ରେଳ ଷ୍ଟେସନରୁ ଗୁରୁତର ଆହତ ଯୁବକକୁ ଚିକିତ୍ସା ପାଇଁ ବସ୍ତା ହସ୍ପିଟାଲ ନିଆଯାଇଛି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo